## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ପଡ଼ିଆ, ୧୬।୧୧ (ଭାସ୍କର ରାଓ)

ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣଙ୍କ ହେଲେ ଏମଭି ୭୯ ଥାନା ଭୁବନ ପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମ୍ଭି ୧୧୫ଗ୍ରାମର ବିପ୍ଲବ ମଣ୍ଡଳ (୨୫)। ପ୍ରକାଶ ଯେ, ବୁଧବାର ସାଙ୍ଗ ଚନ୍ଦନ ମଣ୍ଡଳଙ୍କ ସହ ମିଶି ବିପ୍ଲବ ପଡ଼ିଆ ଥାନା ଅନ୍ତର୍ଗତ ଏମ୍ଭି ୫୯ ଗ୍ରାମକୁ କାଳୀପୂଜା ଦେଖିବାକୁ ଯାଇଥିଲେ। ସେଠାରୁ ଫେରୁଥିବା ସମୟରେ କାଳିମେଳା ଥାନା ଉଣ୍ଡୁରୁକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ମୁଖ୍ୟ ରାସ୍ତାରେ ଅପର ପଟୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଅପର ପଟୁ ଆସୁଥିବା ସ୍ୱାମୀ ସ୍ତ୍ରୀ ଆହତ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ବିପ୍ଲବ ଗୁରୁତର ହୋଇଥିବା ବେଳେ ଚନ୍ଦନ ଆହତ ହୋଇଥିଲେ। ଆମ୍ବୁଲାନ୍ସ ଯୋଗେ ବିପ୍ଲବଙ୍କୁ କାଳିମେଳା ଅଣାଯାଇଥିଲା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାକୁ ନେଇ କାଳିମେଳା ଥାନାରେ ନଂ. ୨୮୬/୨୩ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦକରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା
### ଚମକିଲେ ବାଲିମେଳା ଛାତ୍ର

ବାଲିମେଳା, ୧୬।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ନିଜ ଜିଲା ତଥା ବିଦ୍ୟାଳୟ ପାଇଁ ଦୁଇ ଦୁଇଟି ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତ। ସୁନ୍ଦରଗଡ଼ରେ ହୋଇଥିବା ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ମୋସେ ଖରା ଶଟ୍‌ପୁଟ୍‌ରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ଡିସ୍କସ ଥ୍ରୋରେ ରୌପ୍ୟ ପଦକ ପାଇ ରାଜ୍ୟସ୍ତରରେ ଚମକିଥିବା ଜଣାପଡିଛି। ତେବେ ରାଜ୍ୟସ୍ତରରେ ଚମକିଥିବା ଛାତ୍ର



ମୋସେ ନିଜ ବିଦ୍ୟାଳୟରେ ପହଞ୍ଚିବା ପରେ ଛାତ୍ରୀଛାତ୍ର, କ୍ରୀଡ଼ା ଶିକ୍ଷକ ଭାଗୀରଥି ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଲା ହିଆଲ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଜିଲା ଶିକ୍ଷାଧିକାରୀ ମାନସ ଜେନା ଛାତ୍ର ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତେବେ ଛାତ୍ର ଜଣକ ନିଜ ଘର ସ୍ୱାଭିମାନ ଅଞ୍ଚଳର ରାଲେଗଡ଼ା ପଞ୍ଚାୟତ କଣ୍ଟାଗୁଡା ଗ୍ରାମ ବୋଲିଜଣା ପଡିଛି। ତେବେ କେବଳ ଏହି ବର୍ଷ ନୁହେଁ ଗତ ବର୍ଷ ମଧ୍ୟ ମୋସେ ରାଜ୍ୟସ୍ତରରେ ଏପରି କୃତିତ୍ୱ ହାସଲ କରିଥିବା ଜଣାପଡିଛି। ସେ ଆସନ୍ତା ମାସରେ ବିହାର ପାଟନାଠାରେ ହେବାକୁ ଥିବା ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବେ ବୋଲି ଜଣାପଡିଛି।

### ଖଲ୍ଲିକୋଟ ତହସିଲରେ ସବ୍-କଲେକ୍ଟରଙ୍କ ସାଲତମାମି କାର୍ଯ୍ୟକ୍ରମ

ଖଲ୍ଲିକୋଟ, ୧୬।୧୧ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ତହସିଲରେ ଗୁରୁବାର ଛତ୍ରପୁର ସବ କଲେକ୍ଟର ଦେବଦତ୍ତ ମହନ୍ତ ଉପସ୍ଥିତ ରହି ସାଲତମାମି କାର୍ଯ୍ୟକ୍ରମ କରିଥିଲେ। ଏଠାରେ ତହସିଲଦାର କୁମାର ରଥ, ଅତିରିକ୍ତ ତହସିଲଦାର, ୧୩ ଟି ସର୍କଲର ସମସ୍ତ ରାଜସ୍ୱ ଅଧିକାରୀ ଏବଂ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ।

# ସର୍ଗିଫୁଲ କାର୍ଯ୍ୟକ୍ରମରେ ନୃତ୍ୟଗୀତରେ ଝୁମିଲେ ଛାତ୍ରୀଛାତ୍ର

ମାଲକାନଗିରି, ୧୬।୧୧ (ଦୁର୍ଯ୍ୟୋଧନ ପାତ୍ର)



ସର୍ଗିଫୁଲ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ମାଲକାନଗିରି ଜିଲା ସଦର ବ୍ଲକ ପାଣ୍ଡ୍ରିପାଣି ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟିତ୍ରୀ ଗଙ୍ଗା ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁମନ୍ତ ମାଝି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସସ୍ମିତା ମାଝି, ପାଣ୍ଡ୍ରିପାଣି ସରପଞ୍ଚ ସାବିତ୍ରୀ କିର୍ଷାନୀ, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ସତୀଗୁଡା ବାଳିକା ପ୍ରଧାନ ଶିକ୍ଷକ ଲାଲବାହାଦୁର ମଲ୍ଲିକ ଯୋଗଦେଇ ଏହି କାର୍ଯ୍ୟକ୍ରମ କାହିଁକି ସର୍ଗିଫୁଲ ରଖାଗଲା ସେ ସମ୍ବନ୍ଧରେ ଅତିଥିମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅବିଭକ୍ତ କୋରାପୁଟ ଜିଲାରେ ଶାଳଗଛକୁ ସର୍ଗିଗଛ ବୋଲି କୁହାଯାଏ । ଏ ଗଛ ଫୁଲ, ଫଳ, ଚେର, ପତ୍ର ସବୁଠାରୁ ଉପଯୋଗୀ ହୋଇଥିବାରୁ ଏହି ଗଛକୁ ସାଧାରଣତଃ ପୂଜାର୍ଚ୍ଚନା କରାଯାଇ ପାଳରୁ କିପରି ଚାରା ସୃଷ୍ଟି ହୋଇ ଏକ ବୃହତ୍ ବୃକ୍ଷରେ ପରିଣତ ହେବ। ପରିବେଶ ସନ୍ତୁଳନ ମାନବ ସମାଜକୁ ନିଜର ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଦରକାର ପଡୁଥିବା ସାମଗ୍ରୀ ଯୋଗାଇପାରିବ । ଏଠାରେ କୁନି କୁନି ଛାତ୍ରୀଛାତ୍ରଙ୍କୁ ସର୍ଗିଫୁଲର ଆଖ୍ୟା ଦିଆଯାଇ ଭବିଷ୍ୟତରେ ଶାଳଗଛ ପରି ନିଜର ପ୍ରତିଭା ବିସ୍ତାର କରିବା ସହ ଭବିଷ୍ୟତରେ କଳା, ସଂସ୍କୃତି ନୃତ୍ୟ, ଗୀତ ଶିକ୍ଷା, ସ୍ୱାସ୍ଥ୍ୟ, ସୁନାଗରିକ ଏବଂ ବଡ଼ ବଡ଼ ପଦବୀରେ ଅଧିଷ୍ଠିତ ହେବେ ବୋଲି ଅତିଥିମାନେ ମତ ଦେଇଥିଲେ। ପରେ ଛାତ୍ରୀଙ୍କ ଦ୍ୱାରା କୁଇଜ ପ୍ରତିଯୋଗିତା, ଅନୁଷ୍ଠିତ ହେବା ସହ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରଗ୍‌ବି ଅଲିମ୍ପିକ୍ ଜାତୀୟ ଦଳରେ ଖେଳିବେ ବଣ୍ଡାଘାଟି ଯୁବକ

ମାଲକାନଗିରି, ୧୬।୧୧ (ଦୁର୍ଯ୍ୟୋଧନ ପାତ୍ର)




ମାଲକାନଗିରି ଜିଲାର ଆଦିମ ଜନ ଜାତି ବଣ୍ଡାଘାଟି ଯୁବକ ଗଣେଶ ପୁଣି ନିଜ ଅଞ୍ଚଳ ସହ ରାଜ୍ୟ ପାଇଁ ମଧ୍ୟ ଗୌରବ ଆଣିଛନ୍ତି। ବଣ୍ଡାଘାଟିର ଗଣେଶ ଧାଙ୍ଗଡା ମାଝି, ବର୍ତ୍ତମାନ ଜାପାନରେ ଅନୁଷ୍ଠିତ ହେବାକୁ ଥିବା ରଗ୍‌ବି ଅଲିମ୍ପିକରେ ଜାତୀୟ ଦଳରେ ଖେଳିବେ । ଓଡିଶାରୁ ଗଣେଶ ଜଣେ ହିଁ ଏହି ଖେଳ ପାଇଁ ଚୟନ ହୋଇଥିବା ବେଳେ ବର୍ତ୍ତମାନ ଏହା ଜିଲା ତଥା ରାଜ୍ୟ ପାଇଁ ମଧ୍ୟ ଗୌରବ ଆଣିଛନ୍ତି। ଗଣେଶ ମାଲକାନଗିରି ଜିଲା ଖଇରପୁଟ ବ୍ଲକର ମୁଦଲିପଡା ପଞ୍ଚାୟତ ଅନ୍ତର୍ଗତ ଏମ୍ ବଣ୍ଡାଗୁଡା ଗ୍ରାମରୁ ଆସିଛନ୍ତି । ସାତ ଭାଇ ଭଉଣୀଙ୍କ ମଧ୍ୟରେ ସବୁଠାରୁ ସାନ। ଗଣେଶଙ୍କ ପିତା ସାମା ଧାଙ୍ଗଡା ମାଝି ମୁଦୁଲିପଡା ପୋଲିସ ଷ୍ଟେଶନରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିବା ବେଳେ ପରିବାର ଚଳାଇବାରେ ପୁଅକୁ ରୋଜଗାରକ୍ଷମ ହୋଇ ସାହାଯ୍ୟ କରିବା ପାଇଁ ସବୁବେଳେ ଉପଦେଶ ଦେଉଥିଲେ। କିନ୍ତୁ ପୁଅ ଗଣେଶର ମନ ରଗ୍‌ବୀ ଖେଳ ପ୍ରତି ଆକୃଷ୍ଟ ହୋଇଥିବା ବେଳେ ସେ ଏହି ଖେଳରେ ଉତ୍ତମ ପ୍ରଦର୍ଶନ ପାଇଁ ନିଜର ପ୍ରୟାସ ଜାରି ରଖିଥିଲେ। କଲେଜରେ ପଢିବା ବେଳେ ସେ ତାଙ୍କ ରଗ୍‌ବୀ କୋଚ୍‌ଙ୍କ ଦୃଷ୍ଟି ଆକର୍ଷଣ କରି ତାଲିମ ନେବା ଆରମ୍ଭ କରିଥିଲେ।

# ଜନଜାତି, କଳାକାର ସମ୍ମାନିତ



ସମ୍ବର୍ଦ୍ଧିତ ହୋଇଥିବା ଜନଜାତି କଳାକାର ।

ମାଲକାନଗିରି, ୧୬।୧୧ (ଦୁର୍ଯ୍ୟୋଧନ ପାତ୍ର)

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରାଜ୍ୟସ୍ତରୀୟ ସମାରୋହ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟସ୍ତରୀୟ ସମାରୋହ ଗୁରୁବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସହ ବିଭାଗୀୟ ସଚିବ, ନିର୍ଦ୍ଦେଶକଙ୍କ ସମେତ ୯ ଜିଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଜନଜାତି ସାଂସ୍କୃତିକ ଦଳଙ୍କୁ ବାଦ୍ୟଯନ୍ତ୍ର ଓ ନୃତ୍ୟ ଆଭୂଷଣ ବଣ୍ଟନ ହୋଇଥିଲା। ଏଥିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ଯୋଗଦେଇ ଜିଲାର କୋୟା ଭୂମିଆ ବଣ୍ଡା ଭଳି ଜନଜାତି ପରମ୍ପରାର ନୃତ୍ୟକଳା ପ୍ରଦର୍ଶନ କରୁଥିବା ସାଂସ୍କୃତିକ ଦଳକୁ ବାଦ୍ୟଯନ୍ତ୍ର ଓ ନୃତ୍ୟ ଆଭୂଷଣ ବଣ୍ଟନ କରିଥିଲେ। ଆଗାମୀ ଦିନରେ ଜିଲାରେ ବିଭିନ୍ନ ଜନଜାତି ଦ୍ୱାରା କଳା ସଂସ୍କୃତିର ପ୍ରଦର୍ଶନ କରୁଥିବା ଦଳଗୁଡ଼ିକୁ ଏଥିରେ ସମ୍ପୃକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫେରେନ୍ସରେ କହିଥିଲେ। କାର୍ଯ୍ୟକ୍ରମରେ ୯ଟି ଜିଲାର ପିଏ ଆଇଟିଡିଏ ସାମିଲ ସହ ରାଜ୍ୟ ଓ ଜିଲାର ବିଭାଗୀୟ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

## ଛାତ୍ରୀ ନିଖୋଜ, ଥାନାରେ ଏତଲା

ଦିଗପହଣ୍ଡି, ୧୬।୧୧ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ଅନ୍ତର୍ଗତ ଏକ ଗାଁର ଜଣେ ମାଟ୍ରିକ ପଢୁଥିବା ଛାତ୍ରୀ ଘରୁ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ଛାତ୍ରୀ ଜଣକ ଗତ ବୁଧବାର ସକାଳ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ତାଙ୍କ ପତ୍ତା ମିଳିନଥିଲା। ପରେ ଛାତ୍ରୀଙ୍କ ବାପା ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଥାନା ମାମଲା ନଂ.୪୪୦/୨୩ ମାମଲା ରୁଜୁ କରିଛନ୍ତି। ପୋଲିସ ଟିମ୍ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ାଉ କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିନଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଏସଆଇ ଗୌତମ ସାହୁ କହିଛନ୍ତି।

# ଅଲ୍ ଓଡିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍‌ର ଜିଲାପାଳଙ୍କୁ ଦାବିପତ୍ର



ଅଲ୍ ଓଡିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍ ପକ୍ଷରୁ ଆନ୍ଦୋଳନ କରାଯାଉଛି ।

ମାଲକାନଗିରି, ୧୬।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜଲା ସଦର ମହକୁମାରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଲ୍ ଓଡିଶା ଇପିଏଫ୍ ପେନ୍ ସନର୍ସ ଆସୋସିଏଶନ୍ ସଂଘ ପକ୍ଷରୁ ଜିଲାପଳଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଜରିଆରେ ଦିଆଯାଇଥିବା ଏହି ଦାବିପତ୍ରରେ ମୋଟ ୪ଦଫା ସମ୍ବଳିତ ଦାବି ରହିଛି । ଦାବିଗୁଡିକ ହେଲା, ସର୍ବନିମ୍ନ ମାସିକ ପେନ୍‌ସନ ୯୦୦୦ ଟଙ୍କା ସହ ମହଙ୍ଗା ଭତ୍ତା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନ୍‌ସନ ଲାଗୁ, ସମସ୍ତ ଇପିଏଫ୍ ପେନ୍‌ସନ ଭୋଗୀମାନଙ୍କୁ ଚିକିତ୍ସା ଭତ୍ତା କିମ୍ବା 'ଆୟୁଷ୍ମାନ ଭାରତ' ଯୋଜନାରେ ସାମିଲ କରି ମାଗଣା ଚିକିତ୍ସା ସୁବିଧା ସମେତ ସମସ୍ତ ଇପିଏଫ୍ ପେନ୍‌ସନ ଭୋଗୀ ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ଭଳି ୪ମୁଖ୍ୟ ଦାବି ରହିଥିଲା। ଦାବିପତ୍ର ପ୍ରଦାନ ସମୟରେ ସଂଘ ତରଫରୁ ଧୀର ସାହୁ, ଗୋପାଳ ସେଠୀ, ସୁନାଧର ଡୁରୁକୁ, ଗୋପାଳ ସାହୁ, ରବୀନ୍ଦ୍ର ସାହୁ ଏବଂ ବୃନ୍ଦାବନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଏସ୍‌ବିଆଇ କର୍ମଚାରୀ ସଂଘ ରାଜ୍ୟ କର୍ମକର୍ତ୍ତାଙ୍କ ବିଭିନ୍ନ ବ୍ୟାଙ୍କ ପରିଦର୍ଶନ

ମାଲକାନଗିରି, ୧୬।୧୧ (ଦୁର୍ଯ୍ୟୋଧନ ପାତ୍ର)

ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘ ରାଜ୍ୟ କର୍ମକର୍ତ୍ତାମାନେ ମାଲକାନଗିରି ଜିଲାକୁ ୩ଦିନିଆ ଗସ୍ତରେ ଆସି ଜିଲାର ଷ୍ଟେଟ ବ୍ୟାଙ୍କ ଶାଖାଗୁଡ଼ିକରେ କିପରି



ଭୁବନେଶ୍ୱରରୁ ଆସିଥିବା ଏସ୍‌ବିଆଇ କର୍ମକର୍ତ୍ତା ।

ପରିଚାଳନା କରାଯାଉଛି ସେ ବିଷୟରେ ଅନୁଧ୍ୟାନ କରିଥିଲେ। ବିଶେଷକରି ଷ୍ଟେଟ ବ୍ୟାଙ୍କ ପରିଚାଳକ ଓ କର୍ମଚାରୀମାନେ ଜିଲାର ବିଭିନ୍ନ ବ୍ଲକ ଏବଂ ପଞ୍ଚାୟତସ୍ତରରେ କରାଯାଇଥିବା ଷ୍ଟେଟ ବ୍ୟାଙ୍କଗୁଡ଼ିକରେ ଗ୍ରାହକଙ୍କୁ କିପରି ସେବା ଯୋଗାଯାଉଛି ସେ ସମ୍ବନ୍ଧରେ ଆଲୋଚନା କରିବା ସହ କର୍ମଚାରୀଙ୍କର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅନୁଧ୍ୟାନ କରିଥିଲେ । ଜିଲାରେ ଷ୍ଟେଟ ବ୍ୟାଙ୍କ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ସରକାରୀ କର୍ମଚାରୀ, ବ୍ୟବସାୟୀ, ଠିକାଦାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ଅର୍ଥ ଦେଣନେଣ ଠିକ୍ କରୁଥିବାରୁ କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ। ଏହି ଦଳରେ ଭୁବନେଶ୍ୱରରୁ ଆସିଥିବା ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘର ରାଜ୍ୟ ସଭାପତି ସ୍ୱାଧୀନ କୁମାର ଦାସ, ଉପସଭାପତି ସୁରେଶ କୁମାର ଦାସ, ତପନ କୁମାର ପାଲ, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ମୁଖ୍ୟ କାର୍ଯ୍ୟାଳୟ ଡିଜିଏମ୍ ଏନ୍.କେ. ନନ୍ଦ, ବ୍ରହ୍ମପୁର ବ୍ୟାଙ୍କ ଏଜିଏସ୍ ସୌମ୍ୟଜିତ ମୁଣ୍ଡ ଆସିଥିଲେ। ମାଲକାନଗିରି ଷ୍ଟେଟ ବ୍ୟାଙ୍କ ଜିଲା ସଭାପତି ନରସିଂହ ସାହୁ ବିଭିନ୍ନ ଅଞ୍ଚଳ ବୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫାଇନାଲରେ ଏମ୍‌ପିଭି ୧୪ ବିଜୟୀ
### ଜୟ ମା କାଳୀ କ୍ରିକେଟ ଟୁର୍ନାମେଣ୍ଟ

ମାଲକାନଗିରି, ୧୬।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଳିମେଳା ବ୍ଲକ ଏମ୍‌ପିଭି ୨୨ ଗ୍ରାମରେ ଜୟ ମା କାଳୀ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ଖେଳ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଏମ୍‌ପିଭି ୧୪ ଓ ଟିଡିପାଲୀ ମଧ୍ୟରେ ଖେଳ ହୋଇଥିଲା। ଏମ୍‌ପିଭି ୧୪ ଦଳ ଟିଡିପାଲି ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଶେଷ ଦିନ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗଦେଇ ବିଜୟୀ ଦଳ ଓ ରନର ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ପଞ୍ଚାୟତ ସଭାପତି ଗୋବିନ୍ଦ ମଣ୍ଡଳ, କାନା



ମାଡକାମି, ରବି ମାଡକାମି, ନାଏବ ସରପଞ୍ଚ କମଲେଶ ସର୍ଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିମେଳାରେ କାଳୀ ଭସାଣି ଉତ୍ସବ



ବାଲିମେଳା, ୧୬।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା କାଳୀଛକରେ ଗତ ରବିବାରରୁ ଆରମ୍ଭ ହୋଇଥିବା ମା'ଶ୍ୟାମାକାଳୀଙ୍କ ପୂଜା ବୁଧବାର ଶେଷ ହୋଇଛି। ସନ୍ଧ୍ୟାରେ କାଳୀଙ୍କ ଭସାଣି ଉତ୍ସବ ଧୁମ ଧାମରେ ଅନୁଷ୍ଠିତ ହୋଇଥିଲା। ଦେବୀଙ୍କ ମୂର୍ତ୍ତିକୁ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର, ନୃତ୍ୟ ଏବଂ ଆତସବାଜିର ତାଳେ ତାଳେ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇ ଥିଲା। ମା' ଶ୍ୟାମାକାଳୀଙ୍କୁ ଦର୍ଶନକରିବା ପାଇଁ ସହରର ବିଭିନ୍ନ ସ୍ଥାନରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ବାଲିମେଳା ଏନ୍‌ଏସିର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ପୂଜା କମିଟି ସଭାପତି ବସନ୍ତ କୁମାର ପାତ୍ର, କାଳୀଛକ ବଣିକ ସଂଘ ସଭାପତି ବିଜୟ କୁମାର ଦାସ, କମଳା କାନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ମହେନ୍ଦ୍ର ବେହେରା, ସୁରେନ୍ଦ୍ର ପାତ୍ର, ଉତ୍ତମ ଓଝା, ପ୍ରଭାକର ସାହୁ, ସନ୍ତୋଷ ପାଣିଗ୍ରାହୀ, ଦୀପକ କୁମାର ସାହୁ, ପୁରସ୍ତମ ମୁଦୁଲି ଓ ଅକ୍ଷୟ ମହାରଣାଙ୍କ ସମେତ ସମସ୍ତ ବ୍ୟବସାୟୀ ଉପସ୍ଥିତ ରହି ଶାନ୍ତିପୂର୍ଣ୍ଣ ଭାବେ ଦେବୀଙ୍କ ଭସାଣି ଉତ୍ସବ ସମ୍ପନ୍ନ କରିଥିଲେ ।

# ରାଜ୍ୟସ୍ତରୀୟ ଆଥ୍‌ଲେଟିକ ଚାମ୍ପିୟନ୍‌ଶିପରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ମାଲକାନଗିରି, ୧୬।୧୧ (ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟସ୍ତରୀୟ ଆଥଲେଟିକ ଚାମ୍ପିୟନ୍‌ଶିପ୍‌ରେ ମାଲକାନଗିରି ଜିଲା ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ବିଭିନ୍ନ କ୍ରୀଡା ପ୍ରତିଯୋଗୀତାରେ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଚଳିତ ମାସ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ରେ ସରକାରଙ୍କ ପକ୍ଷରୁ ରାଜ୍ୟସ୍ତରୀୟ ଆଥଲେଟିକ ଚାମ୍ପିୟନଶିପ୍ ଆୟୋଜିତ ହୋଇଥିଲା। ଏଥିରେ ମାଲକାନଗିରିରୁ ମୋଟ ୧୧ ଛାତ୍ରୀଛାତ୍ର ଭାଗ ନେଇ ସଫଳତା ହାସଲ କରିଛନ୍ତି। ଏଥିରେ ଜିଲାର ଜଗନ୍ନାଥପାଲି ହାଇସ୍କୁଲର ମୁରଲିଧର ଦୁରୁଆ ହର୍ଡ୍‌ଲ ଦୌଡ଼ ଓ ହାଇ ଜମ୍ପରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ବାଲିମେଳା ହାଇସ୍କୁଲର ମୋସେ ଖରା ସଟପୁଟରେ ପ୍ରଥମ ସ୍ଥାନ ଅଧିକାର କରି ଉଭୟ ମୋଟ ୩ଟି ସ୍ୱର୍ଣ ପଦକ ହାସଲ କରିଛନ୍ତି। ସେହିପରି ଜିଲାର ଅନ୍ୟାନ୍ୟ ବିଦ୍ୟାଳୟରୁ ମଧ୍ୟ ଏଥିରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ରିଡା ପ୍ରତିଯୋଗିତାରେ ୨ଟି ସିଲଭର, ୬ ବ୍ରୋଞ୍ଜ ପଦକ ସହ ମୋଟ ୧୧ ପଦକ ହାସଲ କରିଛନ୍ତି । ତେବେ ରାଜ୍ୟସ୍ତରୀୟ ଆଥଲେଟିକ ଚାମ୍ପିୟନଶିପ୍‌ରେ କୃତିତ୍ୱ ହାସଲ କରି ଜିଲା ପାଇଁ ଗୌରବ ଆଣିଥିବା ଏହି ଛାତ୍ରୀଛାତ୍ରଙ୍କୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନା ଶୁଭେଚ୍ଛା ଜଣାଇଛନ୍ତି।


ରାଜ୍ୟସ୍ତରୀୟ ଆଥଲେଟିକ ଚାମ୍ପିୟନ୍‌ଶିପରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ।

# ଜାତୀୟ ପ୍ରେସ୍ ଦିବସ: ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ

ମାଲକାନଗିରି, ୧୬।୧୧ (ଦୁର୍ଯ୍ୟୋଧନ ପାତ୍ର)



ଜାତୀୟ ପ୍ରେସ୍ ଦିବସରେ ଜିଲାପାଳ ଓ ଅନ୍ୟମାନେ ।

ଗଣତନ୍ତ୍ର ରାଷ୍ଟ୍ରରେ ଗଣମାଧ୍ୟମ ସବୁବେଳେ ମୁକ୍ତ ଏବଂ ଦାୟିତ୍ୱବାନ୍ ରହିବା ଆବଶ୍ୟକ ବୋଲି ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଜାତୀୟ ପ୍ରେସ୍ ଦିବସରେ ଜିଲାପାଳ ବିଶାଲ ସିଂ ଏହା କହିଛନ୍ତି। ସେ ଆହୁରି କହିଥିଲେ, ପ୍ରଯୁକ୍ତି ବିଦ୍ୟାର ଉଭୟ ଆହ୍ୱାନ ଓ ସୁଯୋଗ ରହଛି। ତେଣୁ ଗଣମାଧ୍ୟମ କ୍ଷେତ୍ର ଉପରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ନିଶ୍ଚିତ ଭାବେ ସମ୍ଭାବନା ଆଣିଦେବ ବୋଲି କହିଥିଲେ। ସେହିପରି ପ୍ରତିକୂଳ ପରିସ୍ଥିତିରେ କାମକରି ସମାଜର ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଗଠନାତ୍ମକ ଏବଂ ସୃଜନଶୀଳ ଲେଖା ସ୍ୱାଗତଯୋଗ୍ୟ। କୃତ୍ରିମ ବୁଦ୍ଧିମତ୍ତାର ସାହାଯ୍ୟ ନିଆ ଯାଇପାରେ, କିନ୍ତୁ ସମାଜର ବାସ୍ତବ ଚିତ୍ର ଏବଂ ତଥ୍ୟକୁ ମାଲକାନଗିରି ଭଳି ଜିଲାରେ ଦୃଷ୍ଟିକୁ ଆଣିବାକୁ ହେଲେ ଖବରଦାତାଙ୍କ କ୍ଷେତ୍ରସ୍ତରରୁ ନିଜସ୍ୱ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚଳିତ ବର୍ଷ ଜାତୀୟ ପ୍ରେସ୍ ଦିବସର ବିଷୟବସ୍ତୁ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଗଣମାଧ୍ୟମ । ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ସ୍ୱାଗତ ଭାଷଣ ଦେଇଥିଲେ। ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାର ସମସ୍ତ ଗଣମାଧ୍ୟମର ପ୍ରତିନିଧି ଓ ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୭ ନଭେମ୍ବର, ୨୦୨୩

**ବସ୍-ବାଇକ୍ ଧକ୍କା, ୨ ଗୁରୁତର**

ବିଷମକଟକ,(ବିଭୂତି ଭୂଷଣ ନାୟକ)-ବିଷମକଟକ ଥାନା କୁମାର୍ଦ୍ଧମୁନି ପଞ୍ଚାୟତ ପଥରଗଡ଼ ଛକ ନିକଟରେ ଗୁରୁବାର ଯାତ୍ରୀବାହୀ ବସ୍ ଜଗାକାଳିଆ ଓ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ଭାଲେରି ଗ୍ରାମର କାମି ମିସ୍ତ୍ରି ଓ ମୁନା। ଜଗାକାଳିଆ ବସ୍ ଗୁଣୁପୁରରୁ ମୁନିଗୁଡ଼ା ଅଭିମୁଖେ ଆସୁଥିବା ସମୟରେ ୨ ବାଇକ ଆରୋହୀ ମିସ୍ତ୍ରି କାମ ସାରି ନିଜ ଗ୍ରାମ ଭାଲେରିକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ବିଷମକଟକ ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବିଷମକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ି ଜବତକରି ଘଟଣାର ତଦନ୍ତ କରୁଛି।



**ସଂକ୍ଷେପରେ**

## ମୁନିଗୁଡ଼ାରେ ଜାତୀୟ ପ୍ରେସ୍ ଦିବସ

ମୁନିଗୁଡ଼ା, ୧୬।୧୧(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକ ପ୍ରେସ୍ କ୍ଲବ ତରଫରୁ ଜାତୀୟ ପ୍ରେସ୍ ଦିବସ ସ୍ଥାନୀୟ ସୁଭଦ୍ରା- ଉଦ୍ଧବ ସୌଣ୍ଡିକ ମଙ୍ଗଳ ଭବନ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରେସ୍ କ୍ଲବ ଉପ ସଭାପତି ମନୋରଞ୍ଜନ ଦଲାଇଙ୍କ ସଭାପତିତ୍ୱ ଓ ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ରାମକୃଷ୍ଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ପ୍ରେସ୍ କ୍ଲବର ମୁଖ୍ୟ ଉପଦେଷ୍ଟା ରାମଚନ୍ଦ୍ର ବେହେରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗଣମାଧ୍ୟମରେ ଅସାମାଜିକ ବ୍ୟକ୍ତିଙ୍କ ଅନୁପ୍ରବେଶ ଉପରେ ସମ୍ପାଦକ ପଟ୍ଟନାୟକଙ୍କ ସତର୍କ କରାଇଥିଲେ। ସେହିପରି ଉପଦେଷ୍ଟା ବେହେରା ସତ୍ୟ ଓ ତଥ୍ୟଭିତ୍ତିକ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିବା ସହ ଗ୍ରାମାଞ୍ଚଳ ଲୋକଙ୍କ ସମସ୍ୟାକୁ ପ୍ରଶାସନ ନିକଟରେ ଉପସ୍ଥାପନ କରିପାରିଲେ ସାମ୍ବାଦିକତାର ଇତିହାସ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ହର୍ଷ ଟ୍ରଷ୍ଟର ଶତାଧିକ ସ୍ୱେଚ୍ଛାସେବୀ, କର୍ମକର୍ତ୍ତାଙ୍କ ସହ ଖବରଦାତା ପ୍ରମୋଦ ସାହୁକାର, ବିଜୟ ଉଲ୍ଲକା, ନରେଶ ପାତ୍ର, ସନାତନ ନାୟକ, ରାଜେଶ ସାହୁ, ପ୍ରସାଦ ସାହୁକାର, ଧନୁ କୁଶୁଲିଆ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ସାରା ଖାଲ, ବଢ଼ୁଛି ଦୁର୍ଘଟଣା

- ଅମଲାଭଟ୍ଟାରୁ ମୁନିଗୁଡ଼ା ବ୍ଲକ ଅମ୍ବାଦଳା ରାସ୍ତା ଶୋଚନୀୟ
- କୁମ୍ଭକର୍ଣ୍ଣ ନିଦ୍ରାରେ ପୂର୍ତ୍ତ ବିଭାଗ

ରାୟଗଡ଼ା,୧୬।୧୧ (ଆଶିଷ ରଞ୍ଜନ ପଣ୍ଡା)


ଥେରୁବାଲି ନିକଟସ୍ଥ ପୋଲରେ ଲୁହାଛଡ଼ ବାହାରି ଦେଖାଯାଉଛି।


ଭାତପୁର-ଚାଟିକୋଣା ମଧ୍ୟବର୍ତ୍ତୀ ରାସ୍ତାରେ ଥିବା ଗର୍ତ୍ତ।

ରାୟଗଡ଼ା ଜିଲା ଭାବେ ଗଠନ ହେବାର ୩୧ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ବି ଜିଲାରେ ମୌଳିକ ସମସ୍ୟା ଅପହଞ୍ଚ। ଜିଲାର ୧୧ଟି ବ୍ଲକର ବହୁ ଗ୍ରାମାଞ୍ଚଳକୁ ରାସ୍ତା ସୁବିଧା ନାହିଁ। ସେହିଭଳି ନିର୍ମାଣ ହୋଇଥିବା ଅନେକ ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଛି । କେବଳ ଗ୍ରାମାଞ୍ଚଳ ନୁହେଁ ବରଂ ଜିଲା ସଦର ମହକୁମାଠାରୁ ପଡ଼ୋଶୀ ଜିଲା କଳାହାଣ୍ଡି, କନ୍ଧମାଳ, କୋରାପୁଟ ଏବଂ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଅବସ୍ଥା ମଧ୍ୟ ଶୋଚନୀୟ । ଉକ୍ତ ରାସ୍ତା ନିର୍ମାଣ ହେବା ପରେ ୫ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପୃକ୍ତ ଠିକାଦାରଙ୍କ ରହିଥିଲେ ମଧ୍ୟ ସେଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉନାହିଁ। ଫଳରେ ରାସ୍ତାରୁ ପିଚୁ ବାହାରି ଗର୍ତ୍ତମାନ ସୃଷ୍ଟି ହୋଇଛି । ରାୟଗଡ଼ା ବ୍ଲକର ଅମଲାଭଟ୍ଟାଠାରୁ କଳାହାଣ୍ଡି ଜିଲା ଭବାନୀପାଟଣା ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ରାସ୍ତାର ଦୁରବସ୍ଥା ଯୋଗୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହାସତ୍ତ୍ୱେ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

୨୦୧୮ରେ ପୂର୍ତ୍ତ ବିଭାଗ ଅଧୀନରେ ଏହି ରାଜ୍ୟ ରାଜପଥ ନିର୍ମାଣ ହୋଇ ୨୦୨୦ରେ ସମ୍ପୂର୍ଣ୍ଣ ହୋଇଥିଲା। ରାସ୍ତା ନିର୍ମାଣ ସମୟରେ ଥେରୁବାଲିଠାରେ ଏକ ପୋଲ ନିର୍ମାଣ ହୋଇଥିଲା । ପୋଲ ନିର୍ମାଣ ହେବାର ମାତ୍ର ୫ ବର୍ଷ ପୂରିନି, ହେଲେ ପୋଲରୁ ସିମେଣ୍ଟ ଛାଡ଼ି ଲୁହାଛଡ଼ଗୁଡ଼ିକ ବିପଦପୂର୍ଣ୍ଣ ଭାବେ ବାହାରି ରହିଛି । ବାହାରିଥିବା ଲୁହାଛଡ଼ ଯୋଗୁ ଅନେକ ସମୟରେ ବାଇକ୍‌ର ଟାୟାର କଟି ପଙ୍କଚର ହେଉଥିବାବେଳେ ଚାରିଚକିଆ ଗାଡ଼ିର ଟାୟାର ଫାଟିଯାଉଥିବା ଦେଖିବାକୁ ମିଳୁଛି । ସେହିପରି ଭାତପୁରଠାରୁ ଚାଟିକୋଣା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତାରେ ରେଳ ବିଭାଗ ଲାଇନ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଏହା ପାର୍ଶ୍ୱରେ ରହିଥିବା ପୂର୍ତ୍ତ ବିଭାଗ ରାସ୍ତାରୁ ପିଚୁ ସମ୍ପୂର୍ଣ୍ଣ ଉଠି ସାରିଲାଣି। ଉକ୍ତ ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବାବେଳେ ପ୍ରତିଦିନ ହଜାର ସଂଖ୍ୟାରେ ଦୁଇଚକିଆ ଯାନଠାରୁ ଆରମ୍ଭକରି ଦଶଚକିଆ ଏବଂ ବଡ଼ ଟ୍ରେଲର ଯାତାୟାତ କରୁଛନ୍ତି । ଫଳରେ ଉକ୍ତ ରାସ୍ତାରେ ଦୁର୍ଘଟଣା ଘଟିବା ସାଧାରଣ ଘଟଣାରେ ପରିଣତ ହେଲାଣି। ଗତ ମାସରେ ଜଣେ ଗଣମାଧ୍ୟମ ପ୍ରତିନିଧି ରାୟଗଡ଼ାରୁ କାମ ସାରି ନିଜ ଗ୍ରାମ ମୁନିଗୁଡ଼ାକୁ ଫେରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇଥିଲେ। ସେହିପରି ରାସ୍ତାର ଦୁରବସ୍ଥା ଯୋଗୁ ଅମଲାଭଟ୍ଟାଠାରୁ ମୁନିଗୁଡ଼ା ବ୍ଲକର ଅମ୍ବାଦଳା ପର୍ଯ୍ୟନ୍ତ ୭୫ କି.ମି. ରାସ୍ତା ଅତିକ୍ରମ କରିବା ପାଇଁ ପ୍ରାୟ ୩ ଘଣ୍ଟା ସମୟ ଲାଗୁଛି। ରାସ୍ତା ମରାମତି ପାଇଁ ବାରମ୍ବାର ଦାବି ସତ୍ତ୍ୱେ ପୂର୍ତ୍ତ ବିଭାଗର ନିଦ ଭାଙ୍ଗୁ ନ ଥିବା ଅଭିଯୋଗ ହେଉଛି। ଜିଲାରେ ପୂର୍ତ୍ତ ବିଭାଗ ଅଧୀନରେ ରହିଥିବା ରାସ୍ତାଗୁଡ଼ିକର ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଜିଲାବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମ୍ବିକେୟ ମିଶ୍ରଙ୍କୁ ପଚାରିବାରୁ ରାୟଗଡ଼ାଠାରୁ ଚାଟିକୋଣା ପର୍ଯ୍ୟନ୍ତ ତାଙ୍କ ଅଧୀନରେ ରହିଛି। ତେବେ ୨ ସପ୍ତାହ ମଧ୍ୟରେ ରାସ୍ତା ମରାମତି କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏହାର ଯଥାଶୀଘ୍ର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି ।

## ୨୫ରୁ ରାୟଗଡ଼ା ଜିଲାରେ ଗଡ଼ିବ ଲକ୍ଷ୍ମୀ ବସ୍

ରାୟଗଡ଼ା,୧୬।୧୧(ଆଶିଷ ରଞ୍ଜନ ପଣ୍ଡା)

ଆସନ୍ତା ୨୫ ତାରିଖରୁ ରାୟଗଡ଼ା ଜିଲାର ୧୧ ବ୍ଲକ୍‌ରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହେବ। ଲକ୍ଷ୍ମୀ ବସ୍ ସେବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାର ଉଦ୍‌ଘାଟନ କରିବେ। ଏଥିପାଇଁ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ସ୍ୱଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଭାସ୍କର ରୟତ, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର, ଆର୍‌ଟିଓ ଶିବ ପ୍ରସାଦ ଚୌଧୁରୀଙ୍କ ସମେତ ସମସ୍ତ ବ୍ଲକର ବିଡିଓମାନେ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୪୧ଟି ବସ୍ ଆସି ପହଞ୍ଚିଛି। ଜିଲାର ବିଭିନ୍ନ ସ୍ଥାନରେ ୨୯୮ଟି ବସ୍ ରହଣି ସ୍ଥଳ ରହିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସେହି ସ୍ଥାନରେ ଶୁଭାରମ୍ଭ ହେବ। ଲକ୍ଷ୍ମୀ ବସ୍ ଏବଂ ସମସ୍ତ ରହଣିସ୍ଥଳରେ ବସ୍ ଅଟକିବା ସହ ଜନସାଧାରଣଙ୍କ ଯାତାୟାତରେ ସହଯୋଗ କରାଯିବା ନେଇ ବୈଠକରେ ମତ ପ୍ରକାଶ ପାଇଛି।


ବୈଠକରେ ଜିଲାପାଳଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

## ୧୮ରୁ ଜିଲାସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀ

ରାୟଗଡା,୧୬।୧୧ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡ଼ା ଡାକ ମଣ୍ଡଳ ପକ୍ଷରୁ ଆସନ୍ତା ୧୮ ଓ ୧୯ ତାରିଖ ସହରର କୃଷ୍ଣଚନ୍ଦ୍ରନଗର ଭବନଠାରେ ପ୍ରଥମ ଜିଲାସ୍ତରୀୟ 'ରାୟପେକ୍ସ -୨୦୨୩' ଡାକ ଟିକେଟ ପ୍ରଦର୍ଶନୀ ଅନୁଷ୍ଠିତ ହେବ । ଏହି ଅବସରରେ ରାୟଗଡ଼ା ଡାକମଣ୍ଡଳର ଡାକ ଅଧୀକ୍ଷକ ମୀନକେତନ ପ୍ରଧାନଙ୍କ ସଭାପତିତ୍ୱରେ ଗୁରୁବାର ମୁଖ୍ୟ ଡାକ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ପ୍ରଥମ ଥର ପାଇଁ ଭାରତୀୟ ଡାକ ବିଭାଗ ପକ୍ଷରୁ ରାୟଗଡ଼ାରେ ରାୟପେକ୍ସ ପ୍ରଦର୍ଶନୀରେ ଶହେରୁ ଅଧିକ ଫ୍ରେମ୍‌ରେ ଦେଶ ବିଦେଶର ଅନେକ ବିରଳ ଡାକ ଟିକେଟ ଏବଂ ଡାକ ଉପକରଣ ଜିଲା ତଥା ରାଜ୍ୟର ସଂଗ୍ରାହକଙ୍କ ଦ୍ୱାରା ପ୍ରଦର୍ଶିତ କରାଯିବ। ଡାକ ଟିକେଟ ସଂଗ୍ରହ ଦ୍ୱାରା ଜ୍ଞାନର ବିକାଶ ହେବା ସହିତ ଯୋଗାଯୋଗର ପ୍ରଚାର ଓ ପ୍ରସାର ହୋଇପାରୁଛି ବୋଲି ଡାକ ଅଧୀକ୍ଷକ ପ୍ରଧାନ କହିଛନ୍ତି। ୨ ଦିନ ଧରି ଏହି ପ୍ରଦର୍ଶନୀରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଉଥିବା ସେ କହିଥିଲେ । ଏହି ଡାକ ଟିକେଟ ପ୍ରଦର୍ଶନୀ ସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଏବଂ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଖବରଦାତା ସମ୍ମିଳନୀରେ ରିଜିଓନାଲ ପୋଷ୍ଟ ଅଫିସ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ କୁମାର ମହାରଣା, ରାୟଗଡ଼ା ଡାକ ମଣ୍ଡଳ ସହ ଅଧୀକ୍ଷକ ସି.ଏଚ୍. ଜବାହର ରାଓ, ଡାକ ଟିକେଟ ପ୍ରଦର୍ଶନୀର ଅବସରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଦେବୀପ୍ରସାଦ ନାୟକ, ବରିଷ୍ଠ ଡାକ ଟିକେଟ ପ୍ରଦର୍ଶନୀର ଚାଣକ୍ୟ (ଷ୍ଟାମ୍ପ କଲେକ୍ଟର) କାଶୀନାଥ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଡାକ ବିଭାଗ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଡାକ ଅଧିକାରୀମାନେ ସୂଚନା ଦେଉଛନ୍ତି।

## କଂଗ୍ରେସର କର୍ମୀ ସମ୍ମିଳନୀ

ଚନ୍ଦ୍ରପୁର, ୧୬।୧୧(ବିଜୟ ପ୍ରସାଦ ଉଲାକା)

ଚନ୍ଦ୍ରପୁର ବ୍ଲକ ବିଜାପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲିଡିଙ୍ଗପଦର ଗ୍ରାମରେ ଗୁରୁବାର କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସ୍ୱର୍ଗତ ପୀତବାସ ମାଝିଙ୍କ ପୁତୁରା ଜୟୀଶା ମାଝି ବିଜେଡି ଛାଡି କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ। ବିଜାପୁର ପଞ୍ଚାୟତ, ନାଏବ ସରପଞ୍ଚ ଆପାରାଓ ପଡେଗଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବନେତା ତଥା ବିଧାୟକ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ, ବ୍ଲକ ସଭାପତି ଜୋର୍ଜ କ୍ରସ୍କା, ଏମ୍‌ପି ପ୍ରତିନିଧି ଭୀମ ଗଗେରଙ୍ଗା, ରତନ



ମାଲବିଶାୟୀ, ମୁରାରୀ ଦଣ୍ଡସେନା, ପରୀକ୍ଷିତ ବେହେରା, ଡିଆ ପଡ଼ିଗଙ୍ଗା, ନାତୁଲା ମାକୁଟାଙ୍ଗ, ଗେଞ୍ଜା ମାକୁଟାଙ୍ଗା, ଉଦୟ ପଡିଗଙ୍ଗା, ଶୀତ୍ରି ମକଟାଙ୍ଗା, ଅଦମ ମାଝି, ରମେଶ ମାଝି, ରାଫୁଲ ଜାଗାରେଙ୍ଗା, କୈଳାସ ବଲିୟାରସିଂ,ମାଝି ଶବର, ରମନ୍ତ ଜିନ୍ଦ୍ରିଗୁଡିକ, ରାଜା ସମ୍ବରୁଟିକୋ ନବୀନ ଲିମା, କିଶୋର ପାଲକା ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ଭୀକ, ନିରପେକ୍ଷ ଖବର ପରିବେଷଣକୁ ଗୁରୁତ୍ୱ

**ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ**

ରାୟଗଡା,୧୬।୧୧(ଭାଗ୍ୟଶ୍ରୀ ମିଶ୍ର)


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

ରାୟଗଡ଼ା ଜିଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜିଲା ସଂସ୍କୃତି ଭବନଠାରେ ଗୁରୁବାର ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ-୨୦୨୩ ପାଳିତ ହୋଇଯାଇଛି। ରାୟଗଡା ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ(ରାଜସ୍ୱ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାର ରାଜ୍ୟରେ କାର୍ଯ୍ୟରତ ଖବରଦାତା ଏବଂ ତାଙ୍କ ପରିବାରଙ୍କ ପାଇଁ ଗୋପବନ୍ଧୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପ୍ରଣୟନ କରିଥିବାରୁ ଏଥିରେ ବହୁ ଖବରଦାତାମାନେ ଉପକୃତ ହୋଇପାରିଛନ୍ତି । ତେଣୁ ଖବରଦାତାମାନେ ନିର୍ଭୀକ, ନିରପେକ୍ଷ ଖବର ପରିବେଷଣ କରିବାକୁ ମନ୍ତ୍ରୀ ସାରକା ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଅତିରିକ୍ତ ଜିଲାପାଳ (ସାଧାରଣ) ଭାସ୍କର ରଇତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ବିଷ୍ଣୁପ୍ରସାଦ ପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୈତିକ ବିଜ୍ଞାନ ଅଧ୍ୟାପିକା ଡ. ମାନସୀ ମହାନ୍ତି, ଅଧ୍ୟାପକ ପି.ଅରଣୁ କୁମାର ଯୋଗଦେଇ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଚଳିତ ବର୍ଷର ଆଲୋଚ୍ୟ ବିଷୟ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଗଣମାଧ୍ୟମ ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ରାୟଗଡ଼ା ବିଧାୟକ ମୁଦୁଲି ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ କାର୍ଯ୍ୟରତ ଖବରଦାତାମାନେ ସତ୍ୟ, ଗଠନମୂଳକ ଓ ସମସ୍ୟାଭିତ୍ତିକ ଖବର ପରିବେଷଣ କରୁଥିବାରୁ ଜିଲା ପ୍ରଶାସନ ଓ ସରକାରଙ୍କ ନିକଟରେ ଖବରଗୁଡିକ ପହଞ୍ଚି ପାରୁଥିବାରୁ ଅନେକ ସମସ୍ୟାର ସମାଧାନ ହୋଇପାରୁଛି। ଏଥିସହ ଜିଲା ବିକାଶରେ ମଧ୍ୟ ଖବରଦାତାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବିଧାୟକ କହିଥିଲେ । ଏହି ଅବସରରେ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୬ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଆହତ କୁଟୁରା ଉଦ୍ଧାର



ଗୁଣପୁର,୧୬।୧୧(ପ୍ରଦୀପ କୁମାର ପାଢ଼ୀ )

ଗୁଣପୁର ବନଖଣ୍ଡ ଅନ୍ତର୍ଗତ ମୁକୁନ୍ଦପୁର ଅଞ୍ଚଳରୁ ଏକ ଆହତ କୁଟୁରା ଗୁରୁବାର ଉଦ୍ଧାର ହୋଇଛି। ନାରାୟଣପୁର ଗାଁ ନିକଟସ୍ଥ ଏକ ଧାନଜମିରୁ ଗ୍ରାମବାସୀ ଆହତ ଅବସ୍ଥାରେ ଏହି କୁଟୁରାକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। କୁଟୁରାର ଗୋଡ ଭାଙ୍ଗି ଯାଇଥିବାରୁ ଗୁଣପୁର ପ୍ରାଣୀଧନ ବିଭାଗରେ ଚିକିତ୍ସା ଚାଲୁ ରହିଛି । ସେ ସୁସ୍ଥ ହେବାପରେ ବିଭାଗୀୟ ନିଷ୍ପତ୍ତି ପ୍ରକାରେ କୁଟୁରାକୁ ଜଙ୍ଗଲରେ କିମ୍ବା ଚିଡିଆଖାନାରେ ଛଡାଯିବ ବୋଲି ରେଞ୍ଜର୍ ଅଶୋକ କୁମାର ବେହେରା ପ୍ରକାଶ କରିଛନ୍ତି।

## ପ୍ରଫେସର ପି.ଭି.ରମେଶ ସମ୍ବର୍ଦ୍ଧିତ

ରାୟଗଡ଼ା,୧୬।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ବ୍ଲକ ଅଧୀନ ଭୁଜବଳସ୍ଥିତ ମିଟସ କଲେଜରେ ଏକାଡେମିକ ପରାମର୍ଶଦାତା ପ୍ରଫେସର ପି.ଭି.ରମେଶଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମିଟସ ଗ୍ରୁପ ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା, ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା ଏବଂ ନିର୍ଦ୍ଦେଶକ ଡ.ସି.ଭି.ଗୋପୀନାଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ପି.ଭି.ରମେଶଙ୍କ ଶିକ୍ଷା



କ୍ଷେତ୍ରରେ ଉତ୍କର୍ଷତା ପାଇଁ ତାଙ୍କୁ ଟାଇମ୍ସ ଗ୍ରୁପ ପକ୍ଷରୁ ସମ୍ମାନିତ କରାଯାଇଥିବାରୁ କଲେଜର ସମସ୍ତ ଅଧ୍ୟାପକ ଓ ଛାତ୍ରୀଛାତ୍ର ଶୁଭକାମନା ଜଣାଇଥିଲେ। ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା ଅନୁଷ୍ଠାନର ଅଗ୍ରଗତିରେ ପ୍ରଫେସର ପି.ଭି. ରମେଶଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥି ସହିତ ଅନୁଷ୍ଠାନର ଉନ୍ନତିରେ ପରିଚାଳନା କମିଟିର ନିରନ୍ତର ସମର୍ଥନର ଭୂମିକା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି।

# ଲୁକ୍କାୟିତ ପ୍ରତିଭାର ବିକାଶକରେ ସର୍ଗିଫୁଲ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ମୁନିଗୁଡ଼ା, ୧୬।୧୧ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକ ଅନୁସୂଚିତ ଜାତି,ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ମୁନିଗୁଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସର୍ଗିଫୁଲ-୨୦୨୩ ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନିତା କୁମାରୀ ସାହୁଙ୍କ ସଭାପତିତ୍ୱ ଓ ବରିଷ୍ଠ ଶିକ୍ଷକ ବିବେକାନନ୍ଦ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ତହସିଲଦାର ସୁଶ୍ରୀ ଏମ୍.ଅନୁରାଧା, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଜି.ଭାସ୍କର ରାଓ,ସମ୍ମାନିତ ଅତିଥି ଗୋଷ୍ଠୀ କଲ୍ୟାଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ଅମ୍ବାଦଳା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋବିନ୍ଦ ଶବର, ସ୍ଥାନୀୟ ସରପଞ୍ଚ ପାଇକ ଯାକେକାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ସର୍ଗିଫୁଲ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ହେବା ସହ ସେମାନଙ୍କୁ ଆଗକୁ ବଢିବାର ପ୍ରୟାସ କାର୍ଯ୍ୟକ୍ରମର ମୂଳମନ୍ତ୍ର ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସାହୁ କହିଥିଲେ। ଅପରାହ୍ନର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର ଲୋକନୃତ୍ୟ,ସୋଲ, ଗ୍ରୁପ୍ ଡ୍ୟାନ୍ସ, ବକ୍ତୃତା, ଡିବେଟ, କୁଇଜ୍, ଏକକ ଅଭିନୟ,ଏକାଙ୍କିକା ଓ ସଙ୍ଗୀତର ମୂର୍ଚ୍ଛନାରେ ଉପସ୍ଥିତ ଅତିଥିମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁନିଗୁଡ଼ା ବ୍ଲକର ସମସ୍ତ ୧୧ଟି ସେବାଶ୍ରମ, ଉଚ୍ଚ ବିଦ୍ୟାଳୟର ୧୬୪ ଛାତ୍ରୀଛାତ୍ର ଭାଗ ନେଇଥିଲେ।

# ମାତୃଭୂମିକୁ ସ୍ୱାଧୀନ କରିବାକୁ ବିର୍ସାଙ୍କ ଅବଦାନ ଅତୁଳନୀୟ

ଗୁଣପୁର,୧୬।୧୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଗୁରୁବାର ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ନୂତନ ବସ୍‌ଷ୍ଟାଣ୍ଡସ୍ଥିତ ଚଇତି ମଣ୍ଡପଠାରେ ଆୟୋଜିତ ସଭାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଆଦିବାସୀ ଯୁବନେତା ଇଠିଓପିଲି ଗମାଙ୍ଗ ଏବଂ ସୁରେନ୍ଦ୍ର ମଲ୍ଲିକ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ମାତୃଭୂମିକୁ ସ୍ୱାଧୀନ କରିବାକୁ ବିପ୍ଲବୀ ବିର୍ସା ମୁଣ୍ଡାଙ୍କ ଅବଦାନ ଅତୁଳନୀୟ ଓ ଅବିସ୍ମରଣୀୟ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଗମାଙ୍ଗଙ୍କ ଚିତ୍ତାକର୍ଷକ ପିତଳ ସାମଗ୍ରୀରେ ବାଦ୍ୟ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା । ଏହି ଅବସରରେ ପ୍ରେସ୍ କ୍ଲବ୍ ସଭାପତି ରାଧାକୃଷ୍ଣ ପଟ୍ଟନାୟକ ଏବଂ ପ୍ରେସ୍ ୟୁନିୟନ ସଭାପତି ପ୍ରମୋଦ କୁମାର ସାହୁଙ୍କୁ ସମ୍ମାନିତ କରାଯିବା ସହ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ଆଦିବାସୀ ଯୁବ ତଥା ପ୍ରତିରକ୍ଷା କର୍ମଚାରୀ ଏବଂ ଉପଖଣ୍ଡର ସରପଞ୍ଚଙ୍କୁ ଡ. ଗମାଙ୍ଗ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଫାଲ୍‌ଗୁନୀ ଶବର, କୈଳାସ ଶବର, ବିଦ୍ୟା ଶବର ପରିଚାଳନା କରିଥିଲେ। ସେହିଭଳି ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ ରାମନାଗୁଡ଼ା ବ୍ଲକ ତାମିଲିଗୁଡ଼ା, ଗୁଣପୁର ଲୁଙ୍ଗୁରୁତାଲ, ମେଟାକର୍ଣ୍ଣଗୁଡି ଗାଁଠାରେ ବିର୍ସା ମୁଣ୍ଡାଙ୍କ ଜନ୍ମଦିନ ପାଳନ ହୋଇଥିଲା।

**ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ**

ଆଦିବାସୀ ନେତା ତ୍ରିପତି ଗମାଙ୍ଗଙ୍କ ସମେତ ଅନାସିମ ଶବର, ଡିଜିଏଲ ଗମାଙ୍ଗ, ଦାସୁରୁ ପାତିକା, ମୋଜେସ ବିଡିକା, ଗୋବିନ୍ଦ ପାତିକା, ଛାନ୍ତି ନିମାଲା, ଶୁକୁ ଶବର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ଭାରତୀୟ ଜନତା ପାର୍ଟି ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ହୋଇଥିଲା । ୱାଇ. ଗଣପତି, ବିଦ୍ୟାଧର ଶବର, ଅମର ସାହୁଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଲିମାମେଡ଼ାସ୍ଥିତ ସେବା ସମାଜ ଆଦିବାସୀ ବାଳିକା ହଷ୍ଟେଲଠାରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସେବା ସମାଜର ସଭାପତି ମାୟା ଶବର ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ ସ୍ନେହଲତା ଗନ୍ତାୟତ, ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ, ସଭାପତି ପ୍ରଭାସିନୀ ଶବର, ସରସ୍ୱତୀ ସାହୁ, ଇନ୍ଦ୍ର ଶବର, ଜସପଇନଆ ଶବର , ସ୍ୱର୍ଣ୍ଣଲତା ନାୟକ, ରମେଶ ଶବର ଯୋଗଦେଇଥିଲେ । ସମ୍ପାଦିକା ରାଜେଶ୍ୱରୀ ଦଳେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଅନ୍ତେବାସୀ ବିଦୁସ୍ମିତା ଶବର ସଭା ପରିଚାଳନା କରିଥିଲେ। ଜସମତି ଶବର ଧନ୍ୟବାଦ ଅର୍ପଣ କରିଥିଲେ।



ଚଇତି ମଣ୍ଡପରେ ନୃତ୍ୟ ପରିବେଷଣ କରାଯାଉଛି।

## ସଂକ୍ଷେପରେ

### ରାସ୍ତାକଡ଼ରୁ ଯୁବକଙ୍କ ରକ୍ତ ଜୁଡ଼ୁବୁଡ଼ୁ ମୃତଦେହ ଜବତ ଘଟଣା

## ୧୧ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି ପୋଲିସ

ତେନ୍ତୁଳିଖୁଣ୍ଟି, ୧୬।୧୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ଅଞ୍ଚଳର ରାସ୍ତାକଡ଼ରୁ ବୁଧବାର ଯୁବକ ଟଙ୍କଧର ଦଲେଇଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିବା ଘଟଣାରେ ପୋଲିସ ତଦନ୍ତ ଜୋର୍‌ଦାର କରିଛି। ୧୧ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ସିସିଟିଭି ଫୁଟେଜ ଯାଞ୍ଚକରି ତଦନ୍ତ ଚଳାଇଛି। ଏସ୍‌ଡିପିଓ ଆଦିତ୍ୟସେନ ପ୍ରତ୍ୟକ୍ଷ ଭାବେ ତଦନ୍ତରେ ସାମିଲ ଅଛନ୍ତି। ଘଟଣାକୁ ଏସ୍‌ପି ରୋହିତ ବର୍ମା ଗୁରୁତର ସହ ନେଇ ଡିଏସ୍‌ପି ଯୁଗଳ କିଶୋର ମାଲିକଙ୍କୁ ଘଟଣାର ତଦନ୍ତ ପାଇଁ ସାମିଲ କରିଛନ୍ତି। ତେନ୍ତୁଳିଖୁଣ୍ଟି ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା ,ଖାତିଗୁଡା ଥାନାଧିକାରୀ ହରିଶ ଗଲୋରୀ ତଦନ୍ତ ଜାରି ରଖିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ୧୧ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। କାଳୀପୂଜା ମଣ୍ଡପ ନିକଟରେ ଚାଲିଥିବା କୋରାପୁଟିଆ ନାଟ ଦେଖିବାକୁ ଟଙ୍କଧର ଯାଇଥିଲେ। ସେ ଯାହା ସଂସ୍ପର୍ଶରେ ଆସିଥିଲେ ସମସ୍ତଙ୍କ ନିକଟକୁ ଯାଇ ବୟାନ ନିଆଯାଉଛି। ରାସ୍ତା ପାର୍ଶ୍ୱରେ ଲାଗିଥିବା ସିସି ଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରାଯାଉଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଧରିବୁ ବୋଲି ଏସ୍‌ଡିପିଓ ସେନ ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ଭାଜପାର ଖବରଦାତା ସମ୍ମିଳନୀ

ନବରଙ୍ଗପୁର, ୧୬।୧୧ (ସଦାଶିବ ପ୍ରହରାଜ)

ରାଜ୍ୟ ସରକାରଙ୍କ କ୍ୟାବିନେଟ ନିଷ୍ପତି ଅନୁଯାୟୀ ଆଦିବାସୀ ଜମି ଅଣ ଆଦିବାସୀଙ୍କୁ ବିକ୍ରି କରିପାରିବେ। ଏହି ନିଷ୍ପତିକୁ ଭାଜପା ତୀବ୍ର ବିରୋଧ କରିଛି। ଏହି ଅବସରରେ ଜିଲା ଭାଜପା କାର୍ଯ୍ୟାଳୟରେ ରାଜ୍ୟ ଭାଜପା ଆଦିବାସୀ ମୋର୍ଚ୍ଚା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ସରକାରଙ୍କ ଏହି ନିଷ୍ପତ୍ତିକୁ ନିନ୍ଦା ଓ ଦୃଢ଼ ବିରୋଧ କରିଥିଲେ। ଏହି ନିଷ୍ପତ୍ତି ଦ୍ୱାରା ଆଦିବାସୀଙ୍କ କୌଣସି ଜମି ରହିବ ନାହିଁ। ସରକାର ନିଷ୍ପତି ନେବା ପୂର୍ବରୁ କୌଣସି ଆଦିବାସୀ ସଂଗଠନଙ୍କୁ ଜଣାଇ ନାହାନ୍ତି। ଟିଏସି ବୈଠକରେ ମଧ୍ୟ ଆଲୋଚନା କରାଯାଇନାହିଁ ବୋଲି ଭାଜପା ଅଭିଯୋଗ କରିଛି। ଯଦି ପ୍ରକୃତରେ ସରକାର ଆଦିବାସୀଙ୍କ ବିକାଶ ଚାହୁଁଛନ୍ତି ତା ହେଲେ କାର୍ପସ ପାଣ୍ଠି ତିଆରି କରନ୍ତୁ। ଆଦିବାସୀ ଜମି ବିକ୍ରି ପାଇଁ ଉପଜିଲାପାଳଙ୍କ ଅନୁମତି ଥିବାବେଳେ ଉପଜିଲାପାଳମାନେ ବେନିୟମ କାରବାର କରି ଅନୁମତି ଦେବେ। ଯାହା ଫଳରେ ଆଦିବାସୀ ଲୋକେ ସର୍ବସ୍ୱାନ୍ତ ହେବେ ବୋଲି ଭାଜପା ନେତାମାନେ କହିଛନ୍ତି। ଏହି ନିଷ୍ପତି ପ୍ରତ୍ୟାହାର ନ ହେଲେ ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ବିଧାୟକ ଗଣ୍ଡ କହିଛନ୍ତି। ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ରାଜ୍ୟ କାର୍ଯ୍ୟ କରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି, ହରିଶ୍ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଇଚ୍ଛା ଥିଲେ ଆଗକୁ ଯିବାକୁ କେହି ଅଟକାଇପାରିବେ ନାହିଁ'



ଅତିଥିମାନେ ଜଣେ ଶିକ୍ଷକଙ୍କୁ ସମ୍ମାନିତ କରୁଛନ୍ତି।




ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

### ଜିଲାସ୍ତରୀୟ ସର୍ଗିଫୁଲରେ ଦ୍ୱିତୀୟ ଦିନ

ପାପଡ଼ାହାଣ୍ଡି, ୧୬।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ମଙ୍ଗଳ ବିଭାଗ ପକ୍ଷରୁ ପାପଡ଼ାହାଣ୍ଡି ବ୍ଲକ ଦଲେଇଗୁଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ କାର୍ଯ୍ୟକ୍ରମର ୨ୟ ରଜନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ତଥା ସର୍ଗିଫୁଲ କମିଟି ଅଧକ୍ଷ ପାଲକା ରବୀନ୍ଦ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ରମେଶ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନିଜ ନିଜ ଭିତରେ ମିଶିବା ଓ ପ୍ରତିଭା ଦେଖାଇବାରେ ମାଧ୍ୟମ ସର୍ଗିଫୁଲ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥିଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି ଯୋଗଦେଇଥିଲେ। ଶିକ୍ଷା ଏକ ବ୍ୟାପକ ପରିଭାଷା, ଶିକ୍ଷା ମଣିଷ ଜୀବନର ଶ୍ରେଷ୍ଠ ଆବିଷ୍କାର ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଏଥିଲାଗି ପଢ଼ିବା ଗଢ଼ିବା ଓ ଶ୍ରେଷ୍ଠ ହେବା ଲାଗି ମନ୍ତ୍ର କହୁଥିବା ସେ କହିଛନ୍ତି। ପ୍ରତିଯୋଗିତାରେ ଅସଫଳ ହେଲେ ବି ଆଗାମୀ ଦିନରେ ସଫଳ ହେବା ଲାଗି ପ୍ରୟାସ କର ବୋଲି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଅତିଥିଭାବେ ଯୋଗଦେଇ କହିଛନ୍ତି। ଅନ୍ୟତମ ଅତିଥିଭାବେ ଅଧକ୍ଷା ହେମଲତା ମାଝି, ଅତିରିକ୍ତ ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ସାହୁ, ପୂର୍ବତନ ପଣ୍ଡିକୋଟ ସରପଞ୍ଚ ଶିବପ୍ରସାଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସର୍ଗିଫୁଲରେ ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। କରିବାର ଯଦି ଆଗ୍ରହ ଅଛି ତା'ହେଲେ କେହି ଅଟକାଇପାରିବେ ନାହିଁ ବୋଲି କହିବା ସହ ଇଚ୍ଛା ଶକ୍ତି ଥିଲେ ସବୁ ସମ୍ଭବ ବୋଲି ଅତିଥିମାନେ ମତ ଦେଇଛନ୍ତି। ଏହି ଅସରରେ ମଞ୍ଚରେ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଜିଲାର ୨୬ ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅତିଥିମାନେ ଉପଢ୍ୌକନ ଦେଇ ସମ୍ମାନିତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ପ୍ରତିଭା ଦେଖାଇଥିଲେ।

# ନିର୍ଭୁଲ୍, ତଥ୍ୟଭିତ୍ତିକ ଖବର ପରିବେଷଣକୁ ଗୁରୁତ୍ୱ




କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଖବରଦାତାମାନେ।

### ଉମରକୋଟରେ ଜାତୀୟ ପ୍ରେସ୍ ଦିବସ

ଉମରକୋଟ, ୧୬।୧୧(ସନ୍ତୋଷ ଶତପଥୀ)

ଉମରକୋଟ ପ୍ରେସ୍ କ୍ଲବ ପକ୍ଷରୁ ସ୍ଥାନୀୟ ହୋଟେଲ ଏସ୍‌ଏସ୍ ଇଣ୍ଟରନ୍ୟାଶନାଲର ସଭାଗୃହରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବ ସଭାପତି ମହେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ କୃଷ୍ଣପ୍ରସାଦ ପଟ୍ଟନାୟକ, ଖବରଦାତା ନଳିନୀରଞ୍ଜନ ମିଶ୍ର ଓ ଦୁର୍ଗାପ୍ରସାଦ ମଲ୍ଲିକ ଯୋଗଦେଇଥିଲେ। ନିର୍ଭୁଲ୍ ଏବଂ ତଥ୍ୟଭିତ୍ତିକ ଖବର ପରିବେଷଣ ପାଇଁ ସେମାନେ ଉପସ୍ଥିତ ଅନ୍ୟ ଖବରଦାତାଙ୍କୁ ପରାମର୍ଶ ଦେଇଥିଲେ। ଖବର ମାଧ୍ୟମରେ ଗରିବ ନିଷ୍ପେଷିତ ଲୋକଙ୍କୁ ସହାୟତା କରିବାକୁ ଖବରଦାତା ନଳିନୀ ରଞ୍ଜନ ମିଶ୍ର ପରାମର୍ଶ ଦେଇଥିଲେ। ଆକ୍ରୋଶ ମୂଳକ ଏବଂ ଭ୍ରମାତ୍ମକ ଖବର ପରିବେଷଣରୁ ନିବୃତ ରହିବା ପାଇଁ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ଶତପଥୀ, ଅନୁରାଗ ପଟ୍ଟନାୟକ, ଯୁଗଳ କିଶୋର ସାହୁ, କୁନା ସାହୁ, ସନ୍ତୋଷ ପାତ୍ର, ଗିରି ମାଝି, ସମୀର ପତି, ନିରଞ୍ଜନ ବେହେରା, ଜିତେନ୍ଦ୍ର ମହାନ୍ତି, ସତ୍ୟନାରାୟଣ ରାଉତ, କ୍ରିଷ୍ଣା ସାହୁ, କଳା କାନୁ ନଦିଆ, ରବି ସ୍ୱାଇଁ, ଯୁମେରା ସାନ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ନିରପେକ୍ଷ, ମୂଲ୍ୟବୋଧ ଖବର ଦେବାକୁ ଗୁରୁତ୍ୱ




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଖବରଦାତା ଓ ଅନ୍ୟମାନେ।

### ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

ନବରଙ୍ଗପୁର, ୧୬।୧୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରେସ୍ କାଉନସିଲ ଅଫ ଇଣ୍ଡିଆ ଦ୍ୱାରା ଆଲୋଚନା ପାଇଁ ଦିଆଯାଇଥିବା ବିଷୟବସ୍ତୁ 'କୃତ୍ରିମ ବୁଦ୍ଧିମତ୍ତା ଯୁଗର ଗଣମାଧ୍ୟମ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାପାଳ ମିଶ୍ର ଜାତୀୟ ପ୍ରେସ୍ ଦିବସ ପାଳନ ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ନିରପେକ୍ଷ, ମୂଲ୍ୟବୋଧ, ତଥ୍ୟ ଭିତ୍ତିକ ଗଠନମୂଳକ ଖବର ପରିବେଷଣ ଉପରେ ଆଲୋକପାତ କରିଥିଲେ।

ସମ୍ମାନିତ ଅତିଥି ଭାବେ ଏସ୍‌ପି ରୋହିତ ବର୍ମା ଯୋଗଦେଇ ସମାଜର ହିତ ପାଇଁ ଗଣମାଧ୍ୟମର ଭୂମିକା ଯୁଗୋପଯୋଗୀ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ସୂଚନା ଓ ପ୍ରଯୁକ୍ତି ବିଭାଗ ଅଧିକାରୀ ବିଶ୍ୱରଞ୍ଜନ ଭୁକ୍ତା, ଡକ୍ଟର ରାଧାନାଥ ବେହେରା, ବକ୍ତାଭାବେ ଜୟପୁର ଆକାଶବାଣୀ କାର୍ଯ୍ୟକ୍ରମ ମୁଖ୍ୟ ନରେନ୍ଦ୍ରନାଥ ପଟ୍ଟନାୟକ, ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଜେୟୁ ରାଜ୍ୟ ସମ୍ପାଦକ ବାଙ୍କ ବିହାରୀ ବିଶୋଇ, ଏସ୍‌ୟୁଜେ ଜିଲା ସଭାପତି ସଦାଶିବ ପ୍ରହରାଜ, ଜିଲା ସାମ୍ବାଦିକ ସଂଘ କର୍ମକର୍ତ୍ତା, ଡିଇଓ ପ୍ରଦୀପ କୁମାର ନାଗ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବର୍ଷି ନାୟକଙ୍କ ସହ ଖବରଦାତାମାନେ ଯୋଗଦେଇଥିଲେ। ଡିଆଇପିଆର୍‌ଓ ହଳଧର ନିଆଲ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ସ୍କୁଲରେ ବାର୍ଷିକ କ୍ରୀଡ଼ା

ତେନ୍ତୁଳିଖୁଣ୍ଟି, ୧୬।୧୧(ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକ ଆଞ୍ଚଳଗୁମ୍ମା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ୨୫ତମ ବାର୍ଷିକ କ୍ରୀଡ଼ା ସମାରୋହ ଶେଷ ହୋଇଛି। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅଶୋକ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅଞ୍ଚଳଗୁମ୍ମା ସରପଞ୍ଚ କୁସୁମା ପୂଜାରୀ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମଧୁସୂଦନ ବିଷୋୟୀ, ସମ୍ପାଦକ ବିଶ୍ୱରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ବିରେନ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ବାଲ୍ ବର୍ଗ, ଶିଶୁ ବର୍ଗ, କନିଷ୍ଠ ବର୍ଗ ଓ ବାଳିକା ବିଭାଗର ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ଅଞ୍ଚଳଗୁମା ସରପଞ୍ଚ କୁସୁମା ପୂଜାରୀ ଅତିଥିଭାବେ ଯୋଗ ଦେଇଛନ୍ତି। ପରିଚାଳନା ସମିତି ସଭାପତି ମଧୁସୂଦନ ବିଷୋୟୀ, ସମ୍ପାଦକ ବିଶ୍ୱରଞ୍ଜନ ସାହୁ, କୋଷାଧକ୍ଷ କିଶୋର ନାୟକ, ସଦସ୍ୟା ଜେମା ମାଝି କୃତୀ ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଛାତ୍ର ଓମ୍ ପ୍ରକାଶ ବିଷୋୟୀ, ତ୍ରିପତି ବିଷୋୟୀ, ବସନ୍ତ ମାଝି, ସୋହନ ପୂଜାରୀ, ନମିତା ପାତ୍ରଗୁଡ଼ିଆ, ଅର୍ପିତା ମାଝି, ଆକାଂକ୍ଷା ନାୟକ ଚାମ୍ପିୟନ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଆଚାର୍ଯ୍ୟ ମକୁନ୍ଦ ଜାନୀ ପରିଚାଳନା କରିଥିଲେ। ହିରାବତୀ ହରିଜନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶ୍ରୀରଙ୍ଗା ଚରଣ ବିଷୋୟୀ ଧନ୍ୟବାଦ୍ ଦେଇଥିଲେ। କ୍ରୀଡ଼ା କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶାରୀରିକ ପ୍ରମୁଖ ଚନ୍ଦ୍ରଭାନୁ ଗୌଡ଼ ପରିଚାଳନା କରିଥିଲେ। ପ୍ରଶାନ୍ତ ବିଷୋୟୀ, ବନମାଳୀ ହରିଜନ, ଜିତେନ୍ଦ୍ର ନାୟକ, ଲଛମନ ମୁଦୁଲି, ମହେଶ୍ୱର ସାହୁ, ଜମ୍ବୁବତୀ ହରିଜନ, ପାଉତରି ବେହେରା, ମେନକା ମାଝି, ଶାରଳା ଭତରା, ଅଭିମନ୍ୟୁ ହରିଜନ, ଭଗବାନ ମାଝି, ଘାସିରାମ ହରିଜନ, ଅରୁଣ ପଟ୍ଟନାୟକ, ନବୀନ ନାୟକ, ନଳିନୀ ବିଷୋୟୀ ଓ କମଳା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ମୃତଦେହ ସତ୍କାର ପାଇଁ ମିଳୁନି କାଠ



ଡିପୋରେ ପଡ଼ିଥିବା ବଡ଼ ବଡ଼ କାଠଗଣ୍ଡି।

ଉମରକୋଟ, ୧୬।୧୧ (ସନ୍ତୋଷ ଶତପଥୀ)

ଓଡ଼ିଶା ବନ ଉନ୍ନୟନ ନିଗମରେ ମୃତଦେହ ସତ୍କାର କରିବା ପାଇଁ କାଠ ମିଳୁନାହିଁ। ଫଳରେ ମୃତକଙ୍କ ପରିବାର ଲୋକେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିଭଳି ଘଟଣା ଦେଖିବାକୁ ମିଳିଛି ଉମରକୋଟ ପୌରାଞ୍ଚଳରେ।

ସୂଚନାନୁଯାୟୀ କିଛିଦିନ ହେବ ଉମରକୋଟ ସହରର ବିଭିନ୍ନ ୱାର୍ଡରେ କେତେଜଣ ଲୋକଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ସତ୍କାର ପାଇଁ ପରିବାର ଲୋକେ କିନ୍ତୁ କାଠ ଡିପୋରୁ କାଠ ପାଇପାରିଲେ ନାହିଁ। ସେଠାରେ କାଠର ବଡ଼ ବଡ଼ ଗଣ୍ଡି ରହିଛି। ସେ ସବୁ କାଠ ନେଇ ମୃତହେଦ ସତ୍କାର କରିବା କଷ୍ଟକର। ତେଣୁ ସତ୍କାର ପାଇଁ ମୃତ ବ୍ୟକ୍ତିଙ୍କ ପରିବାର ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ସତ୍କାର ପାଇଁ ମୃତବ୍ୟକ୍ତିଙ୍କ ପରିବାର ଲୋକେ ଅନ୍ୟ ଲୋକଙ୍କ ପାଖରୁ କାଠ ଧାର ଆଣିବା ମଧ୍ୟ ଦେଖିବାକୁ ମିଳିଛି। ପ୍ରଶାସନ କିନ୍ତୁ ଏ ଦିଗରେ କୌଣସି ସ୍ଥାୟୀ ପଦକ୍ଷେପ ନେବାକୁ ଟିକେ ହେଲେ ତତ୍ପରତା ଦେଖାଉ ନାହାନ୍ତି। ଅନ୍ୟପଟେ ଓଡ଼ିଶା ବନ ଉନ୍ନୟନ ବିଭାଗକୁ କାଠ ଆସୁଛି, କିନ୍ତୁ ଛୋଟ ଛୋଟ କାଠିକୁ ଚଢ଼ା ଦରରେ ହୋଟେଲ ଓ କିଛି ଛୋଟ କାରଖାନାକୁ ବିକ୍ରି କରାଯାଉଛି ବୋଲି ଅଭିଯୋଗ କରିଛନ୍ତି ପିସିସି ସଦସ୍ୟ ତଥା ୧୧ନମ୍ବର ୱାର୍ଡ କାଉନସିଲର ମୁନା ପାଢ଼ୀ। ଲୋକଙ୍କ ଶେଷ ସମୟରେ ଯଦି ସତ୍କାର ପାଇଁ କାଠ ନ ମିଳେ ଏହା ଏକ ଲଜ୍ଜାଜନକ ଘଟଣା। ତେଣୁ ପ୍ରଶାସନ ଯଦି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତା'ହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ମୁନା ପାଢ଼ୀ ଚେତାବନୀ ଦେଇଛନ୍ତି। ଉମରକୋଟ କାଠ ଡିପୋ ଦାୟିତ୍ୱରେ ଥିବା ଅଧିକାରୀ କୁଶ ପୂଜାରୀଙ୍କୁ ପଚାରିବାରୁ ୨ ଦିନ ମଧ୍ୟରେ କାଠ ଆସିଯିବ ବୋଲି କହିଛନ୍ତି। ହୋଟେଲ ଓ କାରଖାନାଗୁଡିକୁ ପତଳା କାଠ ଦିଆଯାଉ ନାହିଁ। ସେମାନଙ୍କୁ ମଧ୍ୟ ମୋଟା ଗଣ୍ଡି ଦିଆଯାଉଛି ବୋଲି ସେ କହିଛନ୍ତି। ପ୍ରତି ୨ ୩ ମାସରେ ବନ ବିଭାଗ କାଠ ଯୋଗାଇଲେ ଏହିଭଳି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି। ଘଟଣାକୁ ନେଇ ସବ୍‌ଡିଭିଜନାଲ ମ୍ୟାନେଜର ଓ ଉମରକୋଟ ବନ ବିଭାଗ ରେଞ୍ଜରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ଉତ୍ତରାଖଣ୍ଡର ଟନେଲରେ ଫଶିଛନ୍ତି ଡାବୁଗାଁର ଭଗବାନ

ଡାବୁଗାଁ, ୧୬।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)



ଉତ୍ତରାଖଣ୍ଡ ରାଜ୍ୟର ଚାରଧାମସ୍ଥିତ ଏକ ନିର୍ମାଣଧୀନ ଟନେଲରେ ୪୦ ଜଣ ଶ୍ରମିକଙ୍କ ଫଶି ରହିଛନ୍ତି। ସେମାନଙ୍କ ମଧ୍ୟରେ ୫ ଜଣ ଓଡିଆ ଥିବାବେଳେ ଓଡିଶାର ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଜବାଗୁଡା ପଞ୍ଚାୟତ ଅଧୀନ ତାଳବେଢା ଗ୍ରାମର ଭଗବାନ ଭତ୍ରା (୨୮) ମଧ୍ୟ ଅଛନ୍ତି। ପୁଅକୁ ସେଠାରୁ ସୁରକ୍ଷିତ ଉଦ୍ଧାର କରିବାକୁ ପାଇଁ ପରିବାର ଲୋକେ ନିବେଦନ କରିଛନ୍ତି।

ସୂଚନାନୁଯାୟୀ, ଡାବୁଗାଁ ବ୍ଲକର ଜବାଗୁଡା ପଞ୍ଚାୟତ ଅଧୀନ ତାଳବେଢା ଗ୍ରାମର ଜଳ ଭତ୍ରାଙ୍କର ୪ ପୁଅ। ସେମାନଙ୍କ ମଧ୍ୟରୁ ଭଗବାନ ଦ୍ୱିତୀୟ। ଭଗବାନ ଛୋଟ ବେଳୁ କୋଷାଗୁମୁଡା ବ୍ଲକ ଅଧୀନ ସରାଧନୁଆ ଗ୍ରାମରେ ଥିବା ତାଙ୍କ ମାମୁଁ ଘରେ ରହି ଯୁକ୍ତ ୨ ପର୍ଯ୍ୟନ୍ତ ପଢିଛନ୍ତି। ଚଳିତ ବର୍ଷ ଜୁଲାଇ ମାସରେ କୋଷାଗୁମୁଡା ବ୍ଲକ ଅଧୀନ ସରାଧନୁଆ ଗ୍ରାମର ଡୁମର ଭତ୍ରାଙ୍କ ସହ ବାହାର ରାଜ୍ୟକୁ କାମ କରିବାକୁ ଯାଇଥିଲେ। ଟଙ୍କା ଆଣି ଘର ତିଆରି କରିବା ବୋଲି କହି କାମ କରିବାକୁ ଯାଇଥିଲେ। ୧୦ ତାରିଖ ଦିନ ଘରକୁ ଫୋନ କରିଥିଲେ। ୧୨ ତାରିଖ ଦିନ ମୁଁ ଘରକୁ ଆସିବି ବୋଲି କହିଥିଲେ। ଉକ୍ତ ଦିନ ଠାରୁ ଭଗବାନଙ୍କର ଆଉ ଫୋନ ଆସିନଥିଲା। ବୁଧବାର ଡୁମରୁ ଭଗବାନ ଟନେଲରେ ଫଶିଥିବା କଥା କହିଥିଲେ। ଭଗବାନକୁ ଟନେଲରୁ ସୁରକ୍ଷିତ ଉଦ୍ଧାର କରି ଫେରାଇ ଦେବାକୁ ବାପା ଜଳ, ବଡ ଭାଇ ସତ୍ୟ ଓ ଭାଉଜ କୁମାରୀ ଭତ୍ରା ଓଡିଶା ସରକାର, ଉତ୍ତରାଖଣ୍ଡ ସରକାର ଓ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ସେମାନଙ୍କ ପାଖରେ ପହଞ୍ଚି ନାହାନ୍ତି।

# ବ୍ଲକ କାର୍ଯ୍ୟାଳୟ ଘେରାଉ, ବିଡିଓଙ୍କୁ ଦାବିପତ୍ର

ଚନ୍ଦାହାଣ୍ଡି, ୧୬।୧୧(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଭାଜପା ସଦସ୍ୟମାନେ ଗୁରୁବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଚନ୍ଦାହାଣ୍ଡି ହାଟପଦା ପାଖରୁ ରାଜ୍ୟ ସରକାର ବିରୋଧରେ ବିଭିନ୍ନ ନାରା ଦେଇ ଭାଜପା ନେତା ଓ କର୍ମୀମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଘେରାଉ କରିଥିଲେ। ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଏ ନେଇ ବିଡିଓ ରାମକୃଷ୍ଣ ନାୟକଙ୍କୁ ଦାବିପତ୍ର ଦିଆଯାଇଛି।

ଚନ୍ଦାହାଣ୍ଡି ଅଞ୍ଚଳ ଏକ ମରୁଡ଼ି ପ୍ରଭାବିତ ଅଞ୍ଚଳ। ଏଠାରେ ଜଳସେଚନ ବ୍ୟବସ୍ଥା ନ କରିବା, ପ୍ରକୃତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ନ ଦେବା, ଭତ୍ତା ପ୍ରଦାନ ନ କରିବାରୁ ଭାଜପା କର୍ମୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ଚନ୍ଦାହାଣ୍ଡି ଅଞ୍ଚଳକୁ ମରୁଡ଼ି ଅଞ୍ଚଳ ଘୋଷଣା କରିବାକୁ ସେମାନେ ଦାବି କରିଛନ୍ତି। ଦାବି ସବୁ ୧୫ ଦିନ ମଧ୍ୟରେ ପୂରଣ ନ ହେଲେ ଭାଜପା ଆନ୍ଦୋଳନ କରିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ରାଜ୍ୟରେ ପିସି କାରବାର ବଢ଼ିଚାଲିଛି। ଆଗାମୀ ସାଧାରଣ ନିର୍ବାଚନରେ ଲୋକେ ଏହାର ଉଚିତ ଜବାବ ଦେବେ ବୋଲି ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମାଝି କହିଛନ୍ତି। ବିଜେଡି ନେତାମାନେ ନିର୍ବାଚନ ସମୟରେ ଲୋକଙ୍କୁ କିଣି ପରବର୍ତ୍ତୀ ସମୟରେ ଶୋଷଣ କରୁଛନ୍ତି ବୋଲି ବରିଷ୍ଠ ନେତା ଅକାଲୁ ଜାଲି କହିଛନ୍ତି। ବ୍ଲକ ଘେରାଉ ସମୟରେ ଲୋକସଭା ପ୍ରଭାରୀ ମନିଜର ଆର୍ଯ୍ୟ, କୋରାପୁଟ ସଂଯୋଜକ ରାମେଶ୍ୱର ଜେନା, ଭାଜପାର ବରିଷ୍ଠ କର୍ମକର୍ତ୍ତା ଶ୍ୟାମସୁନ୍ଦର ମାଝି, ଜିଲା କାର୍ଯକାରିଣୀ ସଦସ୍ୟ ଦିଲୀପ ଦାସ, ପ୍ରତାପ ବାଘ, ମାନସିଂ ଚୌହାନ, ଦଶରଥ ଧୁରୁଆ , ସୁବଳ ବାଧ, ଆସମତି ବାଘ, ହେମଲତା ବାଘ, ଭୋଦେବ ବାଘ, ମହେନ୍ଦ୍ର ନାୟକ, ମୋହନ ନାୟକ, ଡମ୍ବରୁ ନାୟକ, ଶୁକ୍ରୁ ନାୟକଙ୍କ ସମେତ ୫ଶହରୁ ଉର୍ଦ୍ଧ୍ୱ କାର୍ଯକର୍ତ୍ତା ଯୋଗ ଦେଇଥିଲେ।



ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

# 'ସରକାର ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ଆନ୍ଦୋଳନ ହେବ'

### କ୍ୟାବିନେଟ ନିଷ୍ପତ୍ତିକୁ ଜନଜାତି ସୁରକ୍ଷା ମଞ୍ଚର ବିରୋଧ

ନବରଙ୍ଗପୁର, ୧୬।୧୧(ସଦାଶିବ ପ୍ରହରାଜ)




ଖବରଦାତା ସମ୍ମିଳନୀରେ ଜନଜାତି ସୁରକ୍ଷା ମଞ୍ଚର ସଦସ୍ୟ।

ରାଜ୍ୟ ସରକାର ୧୪ ତାରିଖରେ ଅଣ ଆଦିବାସୀ ଜମିକୁ ସାଧାରଣ ବର୍ଗ କିଣିପାରିବେ। ଏନେଇ ଉପଜିଲାପାଳଙ୍କ ଅନୁମତି ନେବେ ବୋଲି ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାକୁ ଜନଜାତି ସୁରକ୍ଷା ମଞ୍ଚ ବିରୋଧ କରିଛି। ସରକାର କ୍ୟାବିନେଟ ନିଷ୍ପତ୍ତିକୁ ପ୍ରତ୍ୟାହାର ନ କଲେ ତୀବ୍ର ବିରୋଧ କରାଯିବ। ବିଧାନସଭା ଶୀତ ଅଧିବେଶନ ପୂର୍ବରୁ ସରକାର ଏଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି ନବରଙ୍ଗପୁର ପ୍ରେସ୍ କ୍ଲବରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚର ସଭାପତି ଗୋପୀନାଥ ମାଝି କହିଛନ୍ତି।

ନବରଙ୍ଗପୁର ସହର ୪ ପାଖରେ ୫ ହଜାରରୁ ଅଧିକ ଏକର ଆଦିବାସୀ ଜମି ଅଣ ଆଦିବାସୀ ଆଦିବାସୀ ନିଜ ନାମରେ ରଖି ଭୋଗ କରୁଛନ୍ତି। ବର୍ତ୍ତମାନର କ୍ୟାବିନେଟ ନିଷ୍ପତ୍ତିକୁ ଆଧାରକଲେ ଆଦିବାସୀଙ୍କ ଜମି ଅଣଆଦିବାସୀ ବହୁ ମୂଲ୍ୟରେ ବିକ୍ରି କରିବେ। ପୁଞ୍ଜିପତି ଲାଭବାନ ହେବେ। ଆଦିବାସୀମାନେ ଭବିଷ୍ୟତରେ ଜମି ହରାଇବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅବିଭକ୍ତ କୋରାପୁଟ ଜିଲା ପଞ୍ଚମ ଅନୁସୂଚିତ ଅଞ୍ଚଳ। ୧୯୫୬ ଆଇନକୁ ଉଲ୍ଲଂଘନ କରି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆଦିବାସୀ ନେତାମାନେ ଜାଣି ଜାଣି ନିଜ ଗୋଡ଼ରେ କୁରାଢ଼ି ମାରୁଛନ୍ତି। ଭାରତୀୟ ସମ୍ବିଧାନର ଧାରା ୨୪୪(୧) ରେ ଆଦିବାସୀମାନଙ୍କ ଜମିର ଶୋଷଣ ସୁରକ୍ଷା ପାଇଁ ଯେଉଁ ଅଧିକାର ଦିଆଯାଇଥିଲା ତାହା ଆଜି କ୍ୟାବିନେଟ ନିଷ୍ପତ୍ତି ପରିବର୍ତ୍ତନ କରିଦିଆଗଲା। ଏହାକୁ ଆଦିବାସୀ ସମାଜ ଦୃଢ଼ ବିରୋଧ ଓ ତୀବ୍ର ନିନ୍ଦା କରୁଛି ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଏହା ବିରୋଧରେ ଘରେ ଘରେ, ଗାଁରେ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବ। ସରକାର ଏହି ନିଷ୍ପତ୍ତି ନ ବଦଳାଇଲେ ରାଜ୍ୟରେ ଆଦିବାସୀ ସଂଗଠନଗୁଡ଼ିକ ଏକାଠି ହେବେ। ଏହାର ପ୍ରଭାବ ମଧ୍ୟ ଆଗାମୀ ସାଧାରଣ ନିର୍ବାଚନରେ ପଡ଼ିବ ବୋଲି ମଞ୍ଚ ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ମଞ୍ଚ ଉପସଭାପତି ରତନ ମାଝି, ଶଶୀଧର ମାଝି, ବୁଦ୍ଧୁ ଜାନୀ, ସାଧାରଣ ସମ୍ପାଦକ ଲଛମନ ମାଝି, କର୍ମକର୍ତ୍ତା ଜଗନ୍ନାଥ ମାଝି, ଅର୍ଜୁନ ଭତରା, ଚନ୍ଦ୍ର ପ୍ରଭାକର ପୂଜାରୀ, ମଧୁସୂଦନ ଅମନାତ୍ୟ, ରାଜେନ୍ଦ୍ର ସୌରା, ବାସୁଦେବ ମଚାକିଆ, ହରି ଭତରା , ଦଶରଥ ଜାନୀ, ପ୍ରମୋଦ ମାଝି, ଭାସ୍କର ମାଝି, ଟିଙ୍କା ଭତରା ପ୍ରମୁଖ ଉପସ୍ଥିତ ଥିଲେ।

**ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୮୦ ପ୍ରକଳ୍ପ**

ବୈପାରିଗୁଡ଼ା,(କଳ୍ପତରୁ ମହାନ୍ତି)- ବୈପାରିଗୁଡ଼ାସ୍ଥିତ ନୋଡାଲ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟବିଜ୍ଞାନ ମେଳା ପ୍ରଦର୍ଶିତ ହୋଇଛି। ଏଥିରେ ୮୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରଥମ , ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପଧାରୀଙ୍କୁ ସମ୍ମାନିତ କରାଯାଇଥିଲା। ରାମଗିରୀ ହାଇସ୍କୁଲର ରାଧାରାଣୀ ଦଳାଇ, ଓ ଶଙ୍କର ଖରା, ଦଳପୁର ହାଇସ୍କୁଲର ସିଦ୍ଧେଶ୍ୱରୀ ପଣ୍ଡା, ଚନ୍ଦ୍ରପଡା ଆଦର୍ଶ ବିଦ୍ୟାଳୟର କୃତିବନ୍ଧୁ ବରାଡ, ଅକ୍ସଫର୍ଡ ସ୍କୁଲର ଲିପ୍ସାରାଣୀ ପାଢୀ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀ ସିଦ୍ଧେଶ୍ୱରୀ ପଣ୍ଡାଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଛି। ବୈଠକରେ ବ୍ଲକ ଉପାଧ ପୂର୍ଣ୍ଣିମା ବାରିକ, ଜିଲା ପରିଷଦ ସଭ୍ୟ ରାଜେଶ ମହୁରିଆ, ମଞ୍ଜୁଲତା ପଟ୍ଟନାୟକ, ସୂର୍ଯ୍ୟମଣି ନାୟକ, ବିଇଓ ସୁସାନ୍ତ କର୍ତ୍ତାମୀ, ଏବିଇଓ କନକ ମଞ୍ଜରୀ ଭତ୍ରା ପ୍ରମୁଖ ଯୋଗ ଦେଇଥିଲେ।

# ସାଂସ୍କୃତିକ, କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ

## ନନ୍ଦପୁର ବ୍ଲକସ୍ତରୀୟ ପରବ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ନନ୍ଦପୁର, ୧୬।୧୧(ଶଙ୍କର ପୂଜାରୀ)**

ନନ୍ଦପୁର ବ୍ଲକସ୍ତରୀୟ ପରବ ଗୁରୁବାର ଆରମ୍ଭ ହୋଇଛି। ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ ମୁଖ୍ୟ ଅତିଥି, ଏସ୍‌ଡିସି ଉପାଧ୍ୟକ୍ଷ ଲକ୍ଷ୍ମୀ ହନ୍ତାଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ମଞ୍ଚରେ ସ୍ଥାପିତ ହୁଣ୍ଡି ଦେବତାଙ୍କୁ ପୂଜାର୍ଚ୍ଚନାକରି ପରବର ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ନନ୍ଦପୁର ବ୍ଲକ ପରବ କମିଟି ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲଙ୍କ ଅଧ୍ୟକ୍ଷତାରେ ମଶାଲକୁ ବ୍ଲକ କାର୍ଯ୍ୟାଳୟରୁ ପରବ ମଞ୍ଚକୁ ଅଣାଯାଇଥିଲା।

ବିଡିଓ ଦୁର୍ଗାପ୍ରସାଦ ଦୋରା, ତହସିଲଦାର ଅନାଦି ଚରଣ ସାହୁ, ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ବିଇଓ ଭବାନୀ ନନ୍ଦନ ପଟ୍ଟନାୟକ, ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ସରପଞ୍ଚ ଓ ସମିତି ସଭ୍ୟ ସଂଘ ସଭାପତି ପ୍ରମୁଖଙ୍କ ସମେତ ୨୩ ସରପଞ୍ଚ, ସମିତି ସଭ୍ୟ ନନ୍ଦପୁର ବ୍ଲକ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଗୁରୁବାର ଓ ଶୁକ୍ରବାର ସମସ୍ତ ସାଂସ୍କୃତିକ ପ୍ରତିଯୋଗିତା ନନ୍ଦପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ। ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ବାଲିପଦା ପଡ଼ିଆରେ କରାଯାଉଛି। ପରବ ମଞ୍ଚ ନିକଟରେ ଶିକ୍ଷା, ଶିଶୁ ବିକାଶ, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳଯୋଗାଣ, ମିଶନ ଶକ୍ତି ବିଭାଗ ପକ୍ଷରୁ ଷ୍ଟଲ୍ କରାଯାଇ ବିଭାଗୀୟ ଯୋଜନା ସମ୍ପର୍କରେ ସୂଚନା ଦିଆଯାଉଛି। ବ୍ଲକ ଅଧୀନ ୨୩ ପଞ୍ଚାୟତର ଲୋକେ, କଳାକାର, କ୍ରୀଡ଼ାବିତ୍, ଏସ୍‌ଏଚ୍‌ଜି ମହିଳା, ବ୍ଲକ ସଦର ମହକୁମାର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ନନ୍ଦପୁର ପୋଲିସ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରୁଛି। ସମସ୍ତ କାର୍ଯ୍ୟକ୍ରମ ଉଦଘୋଷକ ଟଙ୍କଧର ଖରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଜସକେତନ ବେହେରା, ଜିପିଇଓ ବେଦାନ୍ତ ମାଝି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରିତା ଓରାମ, ଏସ୍‌ଏଚ୍‌ଜି ମହିଳା, ସମସ୍ତ ଯନ୍ତ୍ରୀ, ପିଇଓ, ଜିଆର୍‌ଏସ୍‌ମାନେ ପରିଚାଳନା କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।

## ଦର୍ଶକଙ୍କ ମନ ମୋହିଲା ଆଦିବାସୀ ଢେମସା ନୃତ୍ୟ

**କୋଟପାଡ଼, ୧୬।୧୧ (କେ. ରାଜଶେଖର ରାଓ)**

କୋରାପୁଟ ଜିଲା କୋଟପାଡ଼ ବ୍ଲକ ଓ ଏନ୍‌ଏସିସ୍ତରୀୟ ପରବ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ପରବରେ ୧୭ ପଞ୍ଚାୟତର ଜନ ପ୍ରତିନିଧି ବ୍ଲକ ପ୍ରଶାସନ ଅଧିକାରୀ ଓ ଗ୍ରାମବାସୀ ମା’ ମାଉଲି ମନ୍ଦିରରୁ ମଶାଲ ନେଇ ବାହାରିଥିଲେ। ଏହାପରେ କ୍ରୀଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ବିଧାୟିକା ପଦ୍ମିନୀ ଦିଆନ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା କମଳା ଭତ୍ରା, ଉପାଧ୍ୟକ୍ଷ ତପନ ପାଣିଗ୍ରହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଷଣ୍ଡ ଗାଁର ଗୀରୁଡି ଓ ଢେମସା ନାଚ ସମସ୍ତଙ୍କ ମନ ମୋହିଥିଲା। ବିଧାୟିକା ଦିଆନ କଳାକାରଙ୍କ ସହ ନାଚିଥିଲେ। କାର୍ଯ୍ୟକ୍ରମକୁ ବିଡିଓ ଲଳିତ ମଣ୍ଡଳ ପରିଚାଳନା କରିଥିଲେ।

ଏନ୍‌ଏସିସ୍ତରୀୟ ପରବରେ ମା’ ମାଉଲି ମନ୍ଦିର ଓ ଶୀତଳା ଠାକୁରାଣୀଙ୍କ ମନ୍ଦିରରୁ ମଶାଲ ବାହାରିଥିଲା। ଭୈରବ ପଡ଼ିଆରେ କ୍ରୀଡ଼ା ଓ ପୁରୁଣା ତହସିଲ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କୋରାପୁଟ ଜିଲା ଆଦିବାସୀ ସମ୍ପ୍ରଦାୟ ଲୋକକଳାକୁ ନେଇ ବିଭିନ୍ନ ଅନୁଷ୍ଠାନର କଳାକାର ନୃତ୍ୟ ପରିବେଷଣ କରିଥିଲେ। ଦୁରୁଆ ଓ ଆଦିବାସୀ ନୃତ୍ୟ ଲୋକଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମକୁ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଖରା ପରିଚାଳନା କରିଥିଲେ। ନବରଙ୍ଗପୁର ଏମ୍‌ପି ରମେଶ ମାଝି ମୁଖ୍ୟ ଅତିଥି, ସ୍ଥାନୀୟ ବିଧାୟିକା ପଦ୍ମିନୀ ଦିଆନ, ଅଧ୍ୟକ୍ଷ ଏମ୍.ଶଙ୍କର ରାଓ, ଉପାଧ୍ୟକ୍ଷା ଏମ୍. ସନ୍ତୋଷୀ ଏବଂ ସମସ୍ତ ୱାର୍ଡ ସଭ୍ୟ ଯୋଗଦେଇଥିଲେ। ଉଭୟ ପରବ କାର୍ଯ୍ୟକ୍ରମରେ ବିଜେତା, ଉପବିଜେତାଙ୍କୁ ପୁରସ୍କୃତ କରାଯାଇଛି।


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ମାନସିକ ଚାପରୁ ମୁକ୍ତି, ତମାଖୁ ବର୍ଜନ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥି ।

**ନନ୍ଦପୁର, ୧୬।୧୧(ଶଙ୍କର ପୂଜାରୀ)**

ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ କୋରାପୁଟ ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସ୍‌ର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ମାନସିକ ଚାପରୁ ମୁକ୍ତି ଓ ତମାଖୁ ବର୍ଜନ କର୍ମଶାଳା ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅମର କୁମାର ମହାପାତ୍ର ଅଧ୍ୟକ୍ଷତାକରି ଛାତ୍ରୀଛାତ୍ରମାନେ ପାଠପଢ଼ା କିମ୍ବା ପାରିବାରିକ କ୍ଷେତ୍ରରେ କୌଣସି ଚାପର ବଶବର୍ତ୍ତୀ ନ ହୋଇ ଏକାଗ୍ରତା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର ଜିଲା ମାନସିକ ସ୍ୱାସ୍ଥ୍ୟ ଓ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରାମର୍ଶଦାତା ଉପସ୍ଥିତ ରହି ମାନସିକ ଭାରସାମ୍ୟ ହରାଇ ଯୁବଗୋଷ୍ଠୀ ତମାଖୁ ଓ ମାଦକ ଦ୍ରବ୍ୟ ସେବନରେ ନିଜର କ୍ଷତି ହେବା ସହ ସମାଜ ଉପରେ କୁପ୍ରଭାବ ପଡ଼ିଥାଏ ବୋଲି ମତ ଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନସ୍ତତ୍ତ୍ୱବିତ ସମୀକ୍ଷା ସାହୁ ଓ ମନୋବ୍ୟାଧି ସାମାଜିକ ପରାମର୍ଶଦାତା ଲଲାଟେନ୍ଦୁ ମିଶ୍ର ମାନସିକ ଚାପରୁ ମୁକ୍ତି ସମ୍ପର୍କରେ ଆଲୋଚନା କରିଥିବା ବେଳେ ଜାତୀୟ ତମାଖୁ ନିୟନ୍ତ୍ରଣ ଜିଲା ପରାମର୍ଶଦାତା ସିତେଶ କୁମାର ତ୍ରିପାଠୀ ତମାଖୁ ସେବନର ହାନିକାରକ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜାତୀୟ ସେବା ଯୋଜନା ଅଧିକାରୀ ସନ୍ତୋଷ ହନ୍ତାଳ, ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଭଗବାନ ଖରା, ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠୀ, ଏମ୍.ଜୟ, ସୁରଭି ପାଣିଗ୍ରାହୀ, କେଦାର ସାହୁକାର, ନରସିଂହ ଖୋସ୍‌ଲା,ସନ୍ତୋଷ କୁମାର ଦୋରା, ଆକାଶ ସାହୁ, ପଦଲାମ ଗଲରି, ବିଜୟ ଖିଲ ଓ ଉଷାରାଣୀ ଗୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟସ୍ତରୀୟ କରାଟେ ଚାମ୍ପିୟନଶିପ୍‌ରେ ସେମିଳିଗୁଡ଼ାର ୪ କରାଟେକା



ଜାତୀୟସ୍ତରୀୟ କରାଟେ ପାଇଁ ମନୋନୀତ ହୋଇଥିବା କରାଟେକାମାନେ ।

**ସୁନାବେଡ଼ା/ସେମିଳିଗୁଡ଼ା, ୧୬।୧୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

ଚଳିତ ମାସ ୧୮ ଓ ୧୯ ତାରିଖରେ ନୂଆଦିଲ୍ଲୀ ତାଲକଟୋରା ଷ୍ଟାଡିୟମରେ ହେବାକୁ ଥିବା ସବ୍ ଜୁନିୟର ଜାତୀୟ କରାଟେକା ପ୍ରତିଯୋଗିତାରେ ସେମିଳିଗୁଡ଼ାର ୪ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସେମାନେ ହେଲେ ଆକାଂକ୍ଷା ମହାନ୍ତି, ଅନୁଲ ସାଧୁକା, ହର୍ଷଦ କୁମାର ଓ ତୃପ୍ତିରାଣୀ ମହାନ୍ତି। ସମସ୍ତ ୪ ପ୍ରତିଯୋଗୀ ଉତ୍କଳ କରାଟେ ସ୍କୁଲ ସେମିଳିଗୁଡ଼ାର ହୋଇଥିବା ବେଳେ ସେମାନଙ୍କୁ ରାଜ୍ୟ କରାଟେ ଡୋ ଆସୋସିଏଶନ (ଓସ୍କା) ଚୟନ କରିଥିଲେ। ଏମାନେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରିବେ।

ସୂଚନାଯୋଗ୍ୟ, ଏହି ୪ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ସ୍ୱର୍ଣ୍ଣପଦକ ହାସଲକରି ଜାତୀୟ ଚାମ୍ପିୟନଶିପ୍ ପାଇଁ ମନୋନୀତ ହୋଇଥିଲେ। ଗୁରୁବାର ପ୍ରତିଯୋଗିତାରେ ଭାଗନେବା ପାଇଁ ସମସ୍ତ ଖେଳାଳି ଦିଲ୍ଲୀ ଯାତ୍ରା କରିଛନ୍ତି। ସେଥିପାଇଁ ଉତ୍କଳ କରାଟେ ସ୍କୁଲ କୋଚ୍ ସେନସେଇ ରାଜେନ୍ଦ୍ର ସାମଲ, ସଭାପତି ମନୋଜ ପଟ୍ଟନାୟକ, କୋରାପୁଟ ଜିଲା ସମ୍ପାଦକ ଦୁର୍ଗାପ୍ରସାଦ ରଥ ଓ ଅଭିଭାବକମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସଂକ୍ଷେପରେ

## ଲୁଟ୍ ମାମଲାରେ ଜଣେ ଗିରଫ

**ଜୟପୁର, ୧୬।୧୧(ପବନ ପାଣିଗ୍ରାହୀ)**

ଲୁଟ ମାମଲାର ପ୍ରଦାଫାସ କରିଛି ଜୟପୁର ଟାଉନ ପୋଲିସ। ଏହି ମାମଲାରେ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଜୟନଗର ଚିଲିଗୁଡ଼ାର ଆକାଶ ହରିଜନ। ଘଟଣାରେ ସମ୍ପୃକ୍ତ ୨ ଜଣ ନାବାଳକଙ୍କୁ ପୋଲିସ ଅଟକ ରଖି ପଚାରଉଚରା କରୁଛି। ସୁଚନାନୁଯାୟୀ ଜୟପୁର କୋର୍ଟର ପବ୍ଲିକ ପ୍ରସିକ୍ୟୁଟର ଶୈଳଜା ପଟ୍ଟନାୟକ ଚନ୍ଦନ ବାଡ ସାହି ସ୍ଥିତ ଘରକୁ ଯାଉଥିବାବେଳେ ତେଲି ସାହି ଛକରେ ୩ଜଣ ତାଙ୍କ ବ୍ୟାଗ ଓ ଫୋନ୍ ନେଇ ଯାଇଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ଦୁଇ ଜଣଙ୍କୁ ଜୁଭେନାଇନ ଜଷ୍ଟିଜ ବୋର୍ଡଙ୍କ ନିକଟରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତଠାରୁ ଲୁଟ ମୋବାଇଲ ସହ ବାଇକ ଜବତ କରାଯାଇଥିବା ଟାଉନ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

## ବାଦ୍ୟଯନ୍ତ୍ର ପ୍ରତିଯୋଗିତାରେ ରୂପାଇ ଦ୍ୱିତୀୟ

### ରାଜ୍ୟସ୍ତରୀୟ କଳା ଉତ୍ସବ

**ବୈପାରୀଗୁଡ଼ା, ୧୬।୧୧(କଳ୍ପତରୁ ମହାନ୍ତି)**

ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କଳା ଉତ୍ସବରେ ଭାଗ ନେଇ ବୈପାରୀଗୁଡା ବ୍ଲକ ଶିରିବେଡ଼ା ହାଇସ୍କୁଲର ଛାତ୍ରୀ ରୂପାଇ ଦୁରୁଆ ବାଦ୍ୟ ଯନ୍ତ୍ର ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ପାରମ୍ପରିକ ଦୁରୁଆ ଆଦିବାସୀ ସଂଗୀତରେ ବ୍ୟବହାର



ହେଉଥିବା ନିଶାଣ ବାଦ୍ୟ ବଜାଇଥିଲେ। ତାଙ୍କର ଏହି କୃତିତ୍ୱରେ ବୈପାରୀଗୁଡ଼ା ବିଇଓ ଶୁକାନ୍ତ କାର୍ତ୍ତାମୀ, ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟଯେ, ରୁପାଇ କୋରାପୁଟ ଜୋନ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସମଗ୍ର ରାଜ୍ୟରେ ୫ ଟି ଲେଖାଏ ଜିଲାକୁ ନେଇ ୬ ଜୋନ ଗଠନ କରାଯାଇଛି।

## ୫ ଛାତ୍ରଙ୍କୁ ଗିରଫ କଲା ବେଙ୍ଗାଲୁରୁ ପୋଲିସ

### ଗଞ୍ଜେଇ ଚାଲାଣ ଅଭିଯୋଗ

**ଜୟପୁର, ୧୬।୧୧(ପବନ ପାଣିଗ୍ରାହୀ):**

ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଜୟପୁରର ୫ ଜଣ ଛାତ୍ରଙ୍କୁ କର୍ଣ୍ଣାଟକର ବେଙ୍ଗାଲୁରୁ କମିଶନରେଟ ପୋଲିସ ଗୁରୁବାର ଗିରଫ କରିଛି। ଜୟପୁର ଟାଉନ ଥାନା ପୋଲିସ ଓ ଏସଡିପିଓଙ୍କ ସହାୟତାରେ ବେଙ୍ଗାଲୁରୁ ପୋଲିସ ଟିମ୍ ଗଞ୍ଜେଇ ବିକ୍ରେତା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ୪ ଛାତ୍ର ଓ ଘରୋଇ ଇଞ୍ଜିନିୟରିଂ କଲେଜର ଜଣେ ଛାତ୍ରଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଗିରଫ ଛାତ୍ରମାନେ ହେଲେ ପାଇକ ସାହିର ରାଜା ମଣ୍ଡଳ(୨୨), ନୂଆସାହି ଚତୁର୍ଥ ଲାଇନର ହିମାଂଶୁ ଶେଖର ନାୟକ(୨୦), ପାରାବେ ଶିବ ଦତ୍ତ (୧୯), ନଡ଼ିଆବାଡ (ପଡାଲ) ସାହିର କେ.ଅମରନାଥ ଓ ଉମରକୋଟର ସୋହମ। ଏହି ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୧୨ରେ କର୍ଣ୍ଣାଟକର ବେଙ୍ଗାଲୁରୁ କମିଶନରେଟ ପୋଲିସ ଅଧୀନରେ ଥିବା ଜୟନଗର ପୋଲିସ ସର୍କଲର ସିଦ୍ଧାପୁର ଥାନା ଅଞ୍ଚଳରେ ଜଣେ ଯୁବକ ଗଞ୍ଜେଇ ବିକ୍ରି କରୁଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଉକ୍ତ ଅଭିଯୁକ୍ତଙ୍କୁ ପୋଲିସ ପଚାରାଉଚାରା କରିବା ବେଳେ ତାଙ୍କୁ ଓଡିଶା ଜୟପୁର ସହରରୁ କିଛି ଛାତ୍ର ଗଂଜେଇ ଆଣି ପହଞ୍ଚାଉଥିବା କହିଥିଲେ। ଏପରିକି ସେମାନଙ୍କ ମୋବାଇଲ ନମ୍ବର ମଧ୍ୟ ପୋଲିସକୁ ଦେଇଥିଲେ। ଅଭିଯୁକ୍ତଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରି ଅଭିଯୁକ୍ତ ରହୁଥିବା ସ୍ଥାନକୁ ଚିହ୍ନଟ କରିବା ପରେ ସିଦ୍ଧାପୁର ପୋଲିସର ୨ଟି ଟିମ ଜୟପୁରକୁ ଆସିଥିଲେ। ଗଞ୍ଜେଇ କିଣି ନେବାର ବାହାନା କରି ଗ୍ରାହକ ସାଜି ମୁଖ୍ୟ ଅଭିଯୁକ୍ତଙ୍କ ସହ କଥାବାର୍ତ୍ତା କରିଥିଲେ। ପରେ ପାରାବେ ଥିବା ସେହି ଘର ଉପରେ ଚଢ଼ାଉ କରି ନଂ. ୨୩୮/୨୦୨୩, ଦଫା ୨୦ବି ଏନଡିପିଏସ ଆକ୍ଟ ଅନୁଯାୟୀ ଏହି ୫ଜଣଙ୍କୁ ଉଠାଯାଇଥିବା ସିଦ୍ଧାପୁର ପୋଲିସ କହିଛି। ଅଭିଯୁକ୍ତମାନେ ନିୟମିତ ଭାବେ ଟ୍ରେନ୍ ଯୋଗେ ଗଞ୍ଜେଇ ଚାଲାଣ କରି ଆସୁଥିବା ପୋଲିସ ତଦନ୍ତ ବେଳେ ଜାଣିପାରିଛି।

## ବାଲିଯାତ୍ରା ପାଳିବା ସମୟରେ ସଙ୍ଗବଦ୍ଧ ଆକ୍ରମଣ ଘଟଣା

### ୭ ଜଣଙ୍କୁ କୋର୍ଟ ଚାଲାଣ

**ଦଶମନ୍ତପୁର, ୧୬।୧୧(ଅରବିନ୍ଦ ନାୟକ)**

ଘରେ ପଶି ସଙ୍ଗବଦ୍ଧ ଆକ୍ରମଣ କରି ଟଙ୍କା, ସୁନା ଚୋରୀ ଓ ଭଙ୍ଗା ରୁଜା ଘଟଣାରେ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ଅଧିକାରୀ ସୁକୁମା ହାସଦା କହିଛନ୍ତି। ଅଭିଯୁକ୍ତମାନେହେଲେ ସୁନୀଲ ଖରା, ସୁନାଧର ଖରା, ଉଦୟ ଖରା, ଶିବା ଖରା, ରଞ୍ଜିତ ଟାକ୍ରୀ, ରମେଶ ଟାକ୍ରୀ ଏବଂ ରଜତ ବେନିଆ। ସୂଚନାନୁଯାୟୀ, କୋରାପୁଟ ଜିଲା ଦଶମନ୍ତପୁର ପରଜାବେଡ଼ା ପଦର ପଞ୍ଚାୟତ ଅଧୀନ ସେମ୍ପି ଗ୍ରାମର ବାଲିଯାତ୍ରା ବେଳେ ହରିଜନ ସାହିର ୭ ଯୁବକ ସେଠାରେ ପହଞ୍ଚି ଗାଳିଗୁଲଜ କରିଥିଲେ। ସେମାନେ ୯ ଲକ୍ଷ ଟଙ୍କାର ସୁନା, ଟଙ୍କା ଓ ଘରୋଇ ସାମଗ୍ରୀ ନଷ୍ଟ କରିଥିଲେ। ପୂର୍ବତନ ସରପଞ୍ଚ କାନ୍ତ ମୁଦୁଲିଙ୍କ (ଓଡ଼ି-୧୦ଏସ୍-୩୨୭୭) ସ୍କୁଟି ଭାଙ୍ଗିବା ସହ ସନାଲି ଜାନୀ, ପଦ୍ମିନୀ ଜାନୀ, ଅଙ୍ଗରା ଜାନୀ, ଜାଇମୋତି ଜାନୀ ଏବଂ ସାବିତ୍ରୀ ଜାନୀଙ୍କୁ ଆକ୍ରମଣ କରିଥିଲେ।

## ଜାତୀୟ ପ୍ରେସ୍ ଦିବସ ପାଳିତ

**କୋରାପୁଟ, ୧୬।୧୧(ଅମିତାଭ ବେହେରା)**

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ପରିସରରେ ଗୁରୁବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। କୋରାପୁଟ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗଣମାଧ୍ୟମ ଏବଂ ଗଣ ଯୋଗାଯୋଗ ବିଭାଗର ମୁଖ୍ୟ ଡ଼ ସୌରଭ ଗୁପ୍ତା ଯୋଗଦେଇ ଚଳିତ ବର୍ଷ ଏହି ଦିବସରେ ଆର୍ଟିଫିସିଆଲ ଇଣ୍ଟିଲିଜେନ୍ସ ଶୀର୍ଷକ ଉପରେ ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନ ବିଜ୍ଞାନ ଯୁଗରେ ଗଣମାଧ୍ୟମ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ପ୍ରେସ କ୍ଲବର ସଭାପତି ଭବାନୀ ଶଙ୍କର ମିଶ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବହୁ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।



ଜାତୀୟ ପ୍ରେସ୍ ଦିବସ ବୈଠକରେ ଅତିଥିମାନେ ସୂଚନା ଦେଉଛନ୍ତି ।

## ପୋଷଣ ସଖୀ ନେଲେ ତାଲିମ

**ଜୟପୁର, ୧୬।୧୧(ପବନ ପାଣିଗ୍ରାହୀ)**

ଜୟପୁର ବ୍ଲକ ସଭାଗୃହରେ ପୋଷଣ ସଖୀମାନଙ୍କୁ ଗୁରୁବାରରୁ ତାଲିମ ଦିଆଯାଇଛି। ଜୟପୁର ମିଶନ ଶକ୍ତି ପକ୍ଷରୁ ଆୟୋଜିତ ତାଲିମ ଶିବିରରେ ଏବିଡିଓ ମନୋଜ ନାୟକ ଓ ବିପିଏମ ନମିତା ତ୍ରିପାଠୀ ତାଲିମ ଦେଉଛନ୍ତି। ଜୟପୁର ବ୍ଲକରେ ଯୋଜନା ସ୍ୱାଭିମାନ ଆରମ୍ଭ ହୋଇଛି। ଜୟପୁର ବ୍ଲକରେ ୨୨ ପଞ୍ଚାୟତରେ ୧୬୮ଟି ପୋଷଣ ସଖୀଙ୍କୁ ୪ ପର୍ଯ୍ୟାୟରେ ତାଲିମ ଦିଆଯିବ। ଜୟପୁର ବ୍ଲକର ପ୍ରତ୍ୟେକ ଗ୍ରାମରେ କୁପୋଷଣ ମୁକ୍ତ ପାଇଁ ପୋଷଣ ତାଲିମପ୍ରାପ୍ତ ପୋଷଣ ସଖୀମାନେ ସଚେତନ କରିବେ ।

## ବାଳସୁଧାର ଗୃହକୁ ଗଲେ ନାବାଳକ

### ନାବାଳିକା ବଳାତ୍କାର ମାମଲା

**ଜୟପୁର, ୧୬।୧୧: (ପବନ ପାଣିଗ୍ରାହୀ)**

ଜୟପୁର ଟାଉନଥାନ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜୟପୁର ସଦର ଥାନା ପୋଲିସ ଗୁରୁବାର ଅଭିଯୁକ୍ତ ନାବାଳକଙ୍କୁ ଗିରଫ କରିଛି। ଜୁଭେନାଇଲ ଜଷ୍ଟିସ ବୋର୍ଡର ନିର୍ଦ୍ଦେଶ ମୁତାବକ ନାବାଳକଙ୍କୁ ମାଲକାନଗିରି ସୁଧାର ଗୃହକୁ ପଠାଯାଇଥିବା ଟାଉନଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି ।

ସୂଚନା ଅନୁଯାୟୀ, ୨୦୨୨ମସିହା ଡିସେମ୍ବରରୁ ନାବାଳକ ଜଣକ ନାବାଳିକାଙ୍କ ପିଛା କରି ପ୍ରେମ ନିବେଦନ କରିଥିଲେ। ନାବାଳିକା ଜଣକ ତାଙ୍କ ପ୍ରେମ ନିବେଦନ ସ୍ୱୀକାର ନ କରିବାରୁ ଗତ ଅଗଷ୍ଟ ୧୮ତାରିଖରେ ସେ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଜୟପୁର ସଦରଥାନା ଅଞ୍ଚଳରେ ଥିବା ଗୋଟିଏ ଗାଁରେ ନାବାଳିକାକୁ ରଖିବା ସହ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କୁ ବଳାତ୍କାର କରିଥିଲେ। ୨ ମାସ ଏଭଳି ରଖିବା ପରେ ନାବାଳିକାଙ୍କୁ ଛାଡି ଦେଇଥିଲେ। ନାବାଳିକା ଜଣକ ଘରକୁ ଆସି ସମସ୍ତ ଘଟଣା ଘରେ କହିବା ପରେ ପରିବାର ଲୋକେ ଏ ନେଇ ଜୟପୁର ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ପୀଡ଼ିତା ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ମଧ୍ୟ କରିଥିଲେ। ଅଭିଯୁକ୍ତ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଇଥିଲେ।

## ୩୩୭ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ଦିବସ

**ଜୟପୁର, ୧୬।୧୧(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ବ୍ଲକର ୩୩୭ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ଦିବସ ପାଳନ କରାଯାଇଥିଲା। ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଦିବସକୁ ଶିଶୁଦିବସ ଭାବେ ପିଲାମାନେ ପାଳନ କରିଥାନ୍ତି। ନେହେରୁଙ୍କ ଜୀବଦ୍ଦଶା ମଧ୍ୟରେ ଶିଶୁମାନଙ୍କ ସହ ତାଙ୍କର ଏକ ଅନବଦ୍ୟ ଆକର୍ଷଣ ଓ ଭଲପାଇବା ଥିଲା। ଯାହାକୁ ପିଲାମାନେ ତାଙ୍କର ଜନ୍ମ ଦିବସରେ ସ୍ମୃତି ଚାରଣ କରିବା ସହ ନିଜ ନିଜର ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ପ୍ରେରଣା ପାଇଛନ୍ତି। ବୁଧବାର ଜୟପୁର ବ୍ଲକର ବିଭିନ୍ନ ପଞ୍ଚାୟତ ଏବଂ ପୌରାଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଦିବସ ପାଳନ କରାଯାଇଥିଲା। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ପ୍ରି-ସ୍କୁଲ ଶିଶୁ ତଥା କିଶୋରୀ ଏବଂ କିଶୋରମାନଙ୍କ ଦ୍ୱାରା ଝୋଟି, ଚିତ୍ର ଆଙ୍କିବା ଓ ରଙ୍ଗଦେବା ଉପରେ ପ୍ରତିଯୋଗିତା ହୋଇଥିଲା। ବିଜେତା କିଶୋରୀ ଓ କିଶୋରମାନଙ୍କୁ କେନ୍ଦ୍ରସ୍ତରରେ ପୁରସ୍କାର ମଧ୍ୟ ଦିଆଯାଇଥିଲା। ଏହା ସହ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ନାଚ,ଗୀତ ଏବଂ ଶିଶୁଙ୍କର ମାଆମାନଙ୍କ ସହ ବିଭିନ୍ନ ଆଲୋଚନା କରାଯାଇଥିଲା।

ଏଥିରେ ସିଡିପିଓ ସୁଚିତ୍ରା ପଣ୍ଡା ମଧ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ଶିଶୁମାନଙ୍କ ସହ କିଛି ସମୟ ନାଚ, ଗୀତ ଓ ଚିତ୍ର ଆଙ୍କିବା ଇତ୍ୟାଦିରେ ସାମିଲ ହୋଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ।

## ବ୍ଲକ୍, ପୌର କାର୍ଯ୍ୟାଳୟ ଘେରିଲା ଭାଜପା

**କୋରାପୁଟ, ୧୬।୧୧ (ଅମିତାଭ ବେହେରା)**

କୋରାପୁଟ ନିର୍ବାଚନମଣ୍ଡଳୀ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା ନାୟକ ଓ ନୂଆ କରି ବିଜେଡିରୁ ଆସି ଭାଜପାରେ ଯୋଗ ଦେଇଥିବା ରଘୁରାମ ମାଛଙ୍କ ନେତୃତ୍ୱରେ ଗୁରୁବାର ପୌର ପରିଷଦ ଓ ବ୍ଲକ ଘେରାଉ କରାଯାଇଥିଲା । ରାଜ୍ୟ ସରକାର ଦୁର୍ନୀତି, ବ୍ୟଭିଚାର ଓ ଅଗଣତାନ୍ତ୍ରିକ ଶାସନ ଚଲାଇଥିବା କୋରାପୁଟ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟ ସରକାରଙ୍କ ୨୫ ବର୍ଷ ଶାସନ କାଳରେ ଜନତା ଅସ୍ଥିର ହୋଇପଡିଲେଣି । ଲୋକମାନେ ଆଜି ନିର୍ଯାତିତ, ଯୁବକମାନେ ପ୍ରତାରିତ, ମହିଳାମାନେ ଅସୁରକ୍ଷିତ ବୋଲି ଅଭିଯୋଗ ହୋଇଥିଲା। ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଯୋଜନା, କେନ୍ଦ୍ରୀୟ ଅନୁଦାନ ଓ ଅନ୍ୟ ବାବଦରେ ଓଡିଶାକୁ ବିଗତ ୯ ବର୍ଷରେ ୧୮ ଲକ୍ଷ ୮୩ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ଦେଇଛନ୍ତି । କିନ୍ତୁ ଓଡିଶାରେ ଚାଲିଥିବା ଭ୍ରଷ୍ଟାଚାରୀ ବିଜେଡି ସରକାର କେନ୍ଦ୍ରୀୟ ଯୋଜନାକୁ ହରିଲୁଟ କରି ଗରିବ ଲୋକଙ୍କ ବିକାଶରେ ବାଧକ ସାଜିଛି ବୋଲି ଭାଜପା କର୍ମୀ ଅଭିଯୋଗ କରିଛନ୍ତି । ଓଡିଶାରେ ୫୦ ପ୍ରତିଶତ ପିସି ସରକାର ଚାଲିଛି । ବର୍ଷକୁ ୧ ଲକ୍ଷ କୋଟି ଟଙ୍କାର ଦୁର୍ନୀତି ହେଉଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ଗରିବ ଲୋକ ବିଜେଡି ନେତା ଓ ଅଫିସରଙ୍କୁ ଲାଞ୍ଚ ଦିଆଯାଉଛି। ଯଦି ଆଗକୁ ଏମିତି ପିସି କାରବାର ଜାରି ରୁହେ ତେବେ ଭାଜପାଦଳ ତରଫରୁ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଭାଜପା ଚେତାବନୀ ଦେଇଛି। ଏହି ଆନ୍ଦୋଳନରେ ଭାଜପା ନେତା ବିଜୟ ମିଶ୍ର, ଭାଗିରଥି ପାଟନିଆ, ଜି ସଂଜୀବ କୁମାରଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।



ରାଲିରେ ଯାଉଥିବା ଭାଜପା କର୍ମକର୍ତ୍ତା ।

